# ସିଦ୍ଧାନ୍ତ-ସମନ୍ୱୟ

# ସୂଚନା

ସାଧାରଣ ଜାଗତିକ ବ୍ୟାପାରରେ କୌଣସି ସିଦ୍ଧାନ୍ତ ସର୍ବସମ୍ମତଭାବେ ଗ୍ରହଣୀୟ ହେବା ଯେଉଁଠି ଦୁରୂହ ହୋଇଉଠେ, ସେଠାରେ ଅଧ୍ୟାତ୍ମଦର୍ଶନ ଭଳି ଦୁର୍ବୋଧ ବ୍ୟାପାରରେ ସର୍ବସମ୍ମତ ସିଦ୍ଧାନ୍ତରେ ଉପନୀତ ହେବା ସାଧାରଣ ମନ ପାଖରେ ପ୍ରାୟ ଅସମ୍ଭବ ବୋଲି ମନେହୁଏ । ଯୁଗେ ଯୁଗେ ଭଗବାନଙ୍କ ବିଧାନରେ ମହାପୁରୁଷଗଣ ଯୁଗୋପଯୋଗୀ ଏପରି ଅଧ୍ୟାତ୍ମ-ସିଦ୍ଧାନ୍ତମାନ ଉପସ୍ଥାପିତ କରିଯାଇଛନ୍ତି ଯାହା ସାଧାରଣ ବିଚାରରେ ପରସ୍ପର ବିରୋଧୀ ବୋଲି ମନେହୁଏ ଏବଂ ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତର ଅନୁଗାମୀ ସାଧକମାନେ ଅପର ସିଦ୍ଧାନ୍ତ ଓ ତଦବଲମ୍ବୀ ସାଧକମାନଙ୍କୁ ନିଜର ବିରୋଧୀ ବୋଲି ଭାବିଥା'ନ୍ତି । ତେଣୁ ଆଜି ଜଗତରେ ଅନେକ ପ୍ରକାର ଧର୍ମ, ଯୋଗପ୍ରଣାଳୀ ତଥା ସାଧକ ପରିଦୃଷ୍ଟ ହୁଅନ୍ତି ଏବଂ ସମସ୍ତ ବିଭିନ୍ନ ଧର୍ମାବଲମ୍ବୀ ବା ଯୋଗ-ସାଧକ ମଧ୍ୟରେ ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ଏପରି ଗୋଟାଏ ଅମେଳ ବା ବିରୋଧ ରହି ଆସିଛି ଯାହା ସମଗ୍ର ବିଶ୍ୱ ବା ମାନବଜାତିର ସମ୍ମୁଖରେ ତାହାର ସତ୍ୟ, ଶାନ୍ତି, ଆନନ୍ଦ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟ ପଥରେ ଅବାଧ ଓ ସ୍ୱଚ୍ଛନ୍ଦ ଅଗ୍ରଗତିରେ ବାଧକ ଭାବେ ଦଣ୍ଡାୟମାନ ହୋଇଛି ।

କିନ୍ତୁ ବର୍ତ୍ତମାନ ସମୟ ଆସିଛି, ଅର୍ଥାତ୍ ଏହି ଦେବ-ମୁହୂର୍ତ୍ତରେ ଭଗବାନଙ୍କ ବିଧାନରେ ମାନବ ଶରୀର ଧାରଣ କରି ଶ୍ରୀମାଶ୍ରୀଅରବିନ୍ଦ ମାନବଜାତିର ପରମ କଲ୍ୟାଣ ସକାଶେ ଅତୀତର ସମସ୍ତ ଅଧ୍ୟାତ୍ମ-ସିଦ୍ଧାନ୍ତର ଏପରି ଏକ ପୂର୍ଣ୍ଣାଙ୍ଗ ତଥା ସମନ୍ୱୟମୂଳକ ନୂତନ ରୂପ ଦେଇଛନ୍ତି ଯାହା ମାନବଜାତିର ଅଭୂତପୂର୍ବ ଚରମବିକାଶର ସୁବର୍ଣ୍ଣ ଦ୍ୱାରକୁ ଚିରୋନ୍ମୁକ୍ତ କରିଦେଇଛି । ଏହି ନୂତନ ସିଦ୍ଧାନ୍ତରେ ଯଥାର୍ଥରେ ବିଭିନ୍ନ ସିଦ୍ଧାନ୍ତର ସମନ୍ୱୟ ଘଟିଛି ଏବଂ ଏଥିରେ ପ୍ରତ୍ୟେକ ସାଧନା-ପ୍ରଣାଳୀ ମଧ୍ୟ ତା'ର ଯଥାଯଥ ଓ ସମୁନ୍ନତ ଅବସ୍ଥା ପ୍ରାପ୍ତ ହୋଇଛି । ଏହି ବିଷୟକୁ 'ସିଦ୍ଧାନ୍ତ ସମନ୍ୱୟ' ଆଖ୍ୟା ଦେଇ ଅଭିଜ୍ଞ ଲେଖକ ଅତି ସରଳ ତଥା ପ୍ରାଞ୍ଜଳ ଭାଷାରେ ଏହି ପୁସ୍ତିକାରେ ବ୍ୟାଖ୍ୟା କରିଛନ୍ତି । ଆମ୍ଭେମାନେ ଆଶାକରୁ, ଅଧ୍ୟାତ୍ମବାଦୀ ସାଧକ ଓ ତତ୍ତ୍ୱବିତ୍‌ମାନେ ଏହି ପୁସ୍ତିକାକୁ ତୁଲ୍ୟ ଦୃଷ୍ଟିସହ ପାଠ କରିବେ ।

— ପ୍ରକାଶକ

# ସିଦ୍ଧାନ୍ତ-ସମନ୍ୱୟ

## ମନୁଷ୍ୟ ଜୀବନର ବିକାଶରେ ସହାୟକ ଅଧ୍ୟାତ୍ମ-ଦର୍ଶନ

ଅଧ୍ୟାତ୍ମ-ଦର୍ଶନ ମନୁଷ୍ୟର ବିକାଶରେ ସାହାଯ୍ୟ କରେ, ବିକାଶ ପାଇଁ ଆବଶ୍ୟକ ସମୟର ପରିମାଣକୁ ସଂକ୍ଷିପ୍ତ କରେ, ମାର୍ଗର ଦୁଃଖକଷ୍ଟ ଲାଘବ କରେ, ଦୁର୍ଗମ ମାର୍ଗକୁ ସୁଗମ କରେ, ମନୁଷ୍ୟକୁ ଜ୍ଞାନ-ଜ୍ୟୋତିଃ ପ୍ରଦାନ କରି ଯଥାର୍ଥ ମାର୍ଗରେ ପରିଚାଳିତ କରେ । ଭଗବାନ୍ ଅବତାର ନେଇ ମନୁଷ୍ୟ ଶରୀର ଧାରଣ କରି ଆଦର୍ଶ କର୍ମ କରି ମନୁଷ୍ୟକୁ ତା'ର ବିକାଶ-ମାର୍ଗରେ ସାହାଯ୍ୟ କରନ୍ତି । ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ମହାବୀର, ଶଙ୍କର, ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ବିଷ୍ଣୁସ୍ୱାମୀ, ମାଧବ ଓଗେର ଆଚାର୍ଯ୍ୟମାନେ ପୃଥିବୀକୁ ଆସି ମନୁଷ୍ୟର ସମୟୋପଯୋଗୀ ଶିକ୍ଷା ଦେଇ ତାକୁ ପୂର୍ଣ୍ଣତା ଦିଗରେ ଅଗ୍ରସର କରାଇ ନିଅନ୍ତି । କିନ୍ତୁ ସେମାନଙ୍କ ସିଦ୍ଧାନ୍ତରେ ଯେଉଁ ପରସ୍ପର ବିରୋଧ ଥାଏ, ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତରେ ସେସବୁର ସମନ୍ୱୟ ହୁଏ, ଯେଉଁ ସିଦ୍ଧାନ୍ତରେ ମନୁଷ୍ୟର ମନ-ପ୍ରାଣ-ଶରୀର ତା'ର ଚିନ୍ମୟ ତତ୍ତ୍ୱରେ ରୂପାନ୍ତର, ସମସ୍ତ ସତ୍ତାରେ ଭଗବାନଙ୍କ ସଙ୍ଗେ ଏକ ଏବଂ ଭଗବାନଙ୍କୁ ସମସ୍ତ ସତ୍ତାରେ ପ୍ରକାଶ କରାହୁଏ । ଏହାହିଁ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ସକାଶେ ସେ ଏହି ପୃଥିବୀକୁ ଆସିଅଛି ।

## କ୍ରମ-ବିବର୍ତ୍ତନ

ମନୁଷ୍ୟ ବିକାଶଶୀଳ । ସେ ଅଜ୍ଞାତ ତଥା ଜ୍ଞାତରେ ଅହରହ ନଦୀ ସ୍ରୋତ ସଦୃଶ ଲକ୍ଷ୍ୟ ଆଡ଼କୁ ଧାବିତ ହେଉଅଛି । ତା'ର ଲକ୍ଷ୍ୟ ଦୁଃଖ, ଦ୍ୱନ୍ଦ୍ୱ ଅମିଶ୍ରିତ ପରମାନନ୍ଦ ପ୍ରାପ୍ତି — ରୋଗ, ଜରା, ମୃତ୍ୟୁରୁ ମୁକ୍ତ ଦିବ୍ୟ ଚିନ୍ମୟ ଶରୀର, ପରସ୍ପର ପ୍ରେମ ମୈତ୍ରୀ ସତ୍ୟ ଆଚରିତ ସ୍ୱର୍ଗରାଜ୍ୟ । କିନ୍ତୁ ସେ ମୋହ ମାୟା ଅଜ୍ଞାନଗ୍ରସ୍ତ । ତା'ର ଏହି ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ଧାରଣା ଅସ୍ପଷ୍ଟ । ଯଥାର୍ଥରେ ସେ କିଏ ? କାହିଁକି ଏହି ପୃଥିବୀକୁ ଆସିଛି ? କ'ଣ କରିବା ଉଚିତ ? — ଏସବୁ ସେ ଜାଣେ ନାହିଁ । ସେ ବ୍ରହ୍ମ ସ୍ୱରୂପ, ଭଗବାନଙ୍କୁ ପ୍ରକାଶ କରିବାକୁ ଆସିଛି, ଏହି ଲକ୍ଷ୍ୟ ପ୍ରାପ୍ତିର ପ୍ରଯତ୍ନ କରିବା ଉଚିତ । ଯଥାର୍ଥରେ ସେ ସଚ୍ଚିଦାନନ୍ଦ ପରଂବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱର ଅଂଶ, ପ୍ରତିଭୂ ଅଥବା ସ୍ୱରୂପ । ବ୍ରହ୍ମ ନିଜ ସଂକଳ୍ପରେ 'ଏକୋଽହଂ ବହୁସ୍ୟାମି', ବହୁ ମଧ୍ୟରେ ନିଜକୁ ପ୍ରକାଶ କରିବା ସକାଶେ ସ୍ୱେଚ୍ଛାରେ ନିଜ ମାୟାକୁ ଆଶ୍ରୟ କରି ଅଜ୍ଞାନ ଅନ୍ଧକାରକୁ ସ୍ୱୀକାର କରି ଏକବାରେ ଜଡ଼, ଅନ୍ଧକାର, ଅଜ୍ଞାନ ମଧ୍ୟରେ ନିମଜ୍ଜନ କରି ଆତ୍ମଗୋପନ କଲେ । କ୍ରମବିକାଶର ଧାରା ଅନୁସାରେ ପୁଣି ପ୍ରକୃତିର ପରିଚାଳନାରେ ଜଡ଼ରୁ ତରୁତୃଣ ପଶୁ-ପକ୍ଷୀ ମଧ୍ୟ ଦେଇ ବର୍ତ୍ତମାନ ମନୁଷ୍ୟ ସ୍ତରରେ ଉପନୀତ ହୋଇଅଛନ୍ତି । ବିକାଶର ନିୟମ ଅନୁସାରେ ଏଠାରେ ସ୍ଥଗିତ ନ ହୋଇ ନିଜ ଲକ୍ଷ୍ୟ ଜ୍ଞାନଯୁକ୍ତ ଦିବ୍ୟ ଶରୀର ଦେବମାନବ ସ୍ତରକୁ ଗତି କରିବେ । ମନୁଷ୍ୟଜାତିର ପରେ ପ୍ରତିଷ୍ଠିତ ହେବ ଦିବ୍ୟମାନବଜାତି, ସଂସାର ହେବ ସ୍ୱର୍ଗ । ଏହା ମନୁଷ୍ୟର ଅବଶ୍ୟମ୍ଭାବୀ ଲକ୍ଷ୍ୟ ।

ଜଡ଼ରୁ ପଶୁ ପର୍ଯ୍ୟନ୍ତ ଯେଉଁ ବିକାଶ ଚାଲିଥିଲା, ତାହା ଥିଲା ପ୍ରକୃତିର ଆଶ୍ରିତ ଏବଂ ପ୍ରକୃତି ଦ୍ୱାରା ଚାଳିତ । ମନୁଷ୍ୟକୁ ମନ, ବୁଦ୍ଧି ପ୍ରାପ୍ତ ହେବାରୁ, ବିକାଶ କେବଳ ପ୍ରକୃତି ଉପରେ ନିର୍ଭରଶୀଳ ନ ହୋଇ ମନୁଷ୍ୟର କର୍ମର ଆବଶ୍ୟକ ହେଲା । କେବଳ ପ୍ରକୃତି ଦ୍ୱାରା ହଜାର ହଜାର ବର୍ଷରେ ଯେଉଁ ବିକାଶ ହେଉଥିଲା, ପ୍ରକୃତି ସହିତ ମନୁଷ୍ୟର ସହଯୋଗରେ ତାହା ବହୁ ଅଳ୍ପ ସମୟରେ ସମ୍ପନ୍ନ ହୋଇପାରିଲା । କିନ୍ତୁ ମନୁଷ୍ୟ ଅନ୍ଧକାରରୁ ବିକାଶ ଦିଗରେ ଆସିବାରୁ ତାକୁ ମନ, ବୁଦ୍ଧି ପ୍ରାପ୍ତ ହେବା ସତ୍ତ୍ୱେ ଜଡ଼ତା, ଅଜ୍ଞାନତା ତା' ମଧ୍ୟରେ ବିଦ୍ୟମାନ ରହିଲା ।

ମନୁଷ୍ୟର ମନ, ପ୍ରାଣ, ଶରୀର ତଥା ଆତ୍ମାର ସମାବେଶରେ ହୁଏ ବ୍ୟକ୍ତିତ୍ୱ । ଏହି ସମସ୍ତ ଆସିଛି ସଚ୍ଚିଦାନନ୍ଦ

ଦିବ୍ୟ ତତ୍ତ୍ୱରୁ । କେବଳ ଆତ୍ମା ତା'ର ନିଜ ସ୍ୱରୂପରେ ସ୍ଥିତ ଥିବାରୁ ତା'ର ଜ୍ଞାନ ବିଦ୍ୟମାନ । କିନ୍ତୁ ମନ, ପ୍ରାଣ, ଶରୀର ବିକୃତ ହେବାରୁ ସେସବୁ ଅନ୍ଧକାରାଚ୍ଛନ୍ନ, ଅଜ୍ଞାନରେ ବ୍ୟାମୋହ । ଆତ୍ମାର ଜ୍ଞାନ ଅବିକୃତ ଥିବାରୁ ତା'ର ନିଜ ସ୍ୱରୂପ, ଲକ୍ଷ୍ୟ ତଥା ଲକ୍ଷ୍ୟପ୍ରାପ୍ତି ସମ୍ବନ୍ଧେ ସେ ସଚେତ । କିନ୍ତୁ ଆତ୍ମା ମନ-ପ୍ରାଣର ଆଶ୍ରିତ । ଆତ୍ମାର ସଂକଳ୍ପ ପ୍ରକାଶ ହୁଏ ମନ-ପ୍ରାଣ ମଧ୍ୟଦେଇ । ସୁତରାଂ ଶୁଦ୍ଧ ଆଲୋକ ବିଭିନ୍ନ ରଙ୍ଗିନ କାଚ ଭିତରେ ପ୍ରବେଶ ହୋଇ ବିକୃତ ହେବାପରି ଆତ୍ମାର ସଂକଳ୍ପ ଅନ୍ଧକାରାଚ୍ଛନ୍ନ ମନ, ପ୍ରାଣରେ ବିକୃତ ହୋଇଯାଏ । ସେହି କାରଣରୁ ମନୁଷ୍ୟ ମନ-ପ୍ରାଣଯୁକ୍ତ ସ୍ଥୂଳ ଶରୀରକୁ 'ମୁଁ' ବ୍ୟକ୍ତି ବୋଲି ମାନେ । ସେ ସଚ୍ଚିଦାନନ୍ଦଙ୍କ ଅଂଶ ବା ପ୍ରତିଭୂ ବୋଲି ଭୁଲିଯାଏ । ନିଜ ମନ, ପ୍ରାଣ, ଶରୀରରେ ପରମବ୍ରହ୍ମ ପରମାନନ୍ଦଙ୍କୁ ପ୍ରକାଶ କରିବା ଆତ୍ମ ସଂକଳ୍ପ ପରିବର୍ତ୍ତେ ଭ୍ରମବଶତଃ ସ୍ତ୍ରୀ, ପୁତ୍ର, ମାନ, ଯଶଃ, ଅୟସ ଆରାମରେ ସୁଖ ଖୋଜେ, ପରିଣାମରେ ଦୁଃଖ ପାଏ । ତଥାପି ତା'ର ପରମାନନ୍ଦ ପ୍ରାପ୍ତିର ପରମ ଲକ୍ଷ୍ୟ ସୂକ୍ଷ୍ମରୂପେ ତା'ର ତତ୍ତ୍ୱ ମଧ୍ୟରେ ନିହିତ ଥାଏ, ସେ ଅଜ୍ଞାନ ଅବସ୍ଥାରେ ମଧ୍ୟ ପୂର୍ଣ୍ଣତଃ ବିସ୍ମୃତ ହୁଏ ନାହିଁ । ସଂସାରରେ ଦୁଃଖ ଥାଏ, ମୃତ୍ୟୁ ଥାଏ, ରୋଗ ଥାଏ, ଜରା ଥାଏ, ସେ କେବେ ବି ଏସବୁକୁ ଚାହେଁ ନାହିଁ । ସେ ଚାହେଁ ଦୁଃଖ ଅମିଶ୍ରିତ ସୁଖ । ଏହି ଅଜ୍ଞାତ ଲକ୍ଷ୍ୟ ସାଧାରଣ ମନୁଷ୍ୟଠାରୁ ଶ୍ରେଷ୍ଠ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ କ୍ଷେତ୍ରରେ ଏକ । ସଂସାରରେ ମନୁଷ୍ୟ ସୁଖ ପ୍ରାପ୍ତିର ଉପାୟରୂପେ ସମସ୍ତ କର୍ମ କରେ । ନିଜ ସମ୍ବନ୍ଧେ, ଲକ୍ଷ୍ୟ ସମ୍ବନ୍ଧେ, ଉପାୟ ସମ୍ବନ୍ଧେ ଅଜ୍ଞାନ ଥିବାରୁ ସେ ଲକ୍ଷ୍ୟ ପ୍ରାପ୍ତି କରି ନ ପାରି ଦୁଃଖଦ୍ୱନ୍ଦ୍ୱମୟ ବିପଦ୍‌ପୂର୍ଣ୍ଣ ଜନ୍ମ, ମରଣ ସଂସାର କର୍ମରେ ଭ୍ରମୁଥାଏ । ମନୁଷ୍ୟର ଅଜ୍ଞାନତା ବୃଦ୍ଧି ହେଲେ ସେ ଅନ୍ୟାୟରେ ପ୍ରବୃତ୍ତ ହୁଏ ଏବଂ ଅଧିକ କଷ୍ଟ ଭୋଗେ, ଅଶାନ୍ତ ହୁଏ । ଏହି ଅବସ୍ଥାର ଅନ୍ୟ ନାମ ଧର୍ମ-ଗ୍ଲାନି ବା ଧର୍ମ-ହାନି, ଏହାହିଁ ମନୁଷ୍ୟର ସାଧାରଣ ବିକାଶ ମାର୍ଗର ଅବସ୍ଥା ।

## ମନୁଷ୍ୟର ବିକାଶରେ ସାହାଯ୍ୟ

ଏହି ଅବସ୍ଥାରେ ଭଗବାନ୍ ସ୍ୱୟଂ ମନୁଷ୍ୟ ଶରୀରରେ ଅବତାର ନେଇ ଏହି ପୃଥିବୀରେ କର୍ମ କରନ୍ତି । ମନୁଷ୍ୟ ତାଙ୍କରି ଆଦର୍ଶ ଅନୁସରଣ କରି ନିଜର ବିକାଶ ମାର୍ଗରେ ଗୋଟିଏ ଚେତନାସ୍ତର ଅତିକ୍ରମ କରେ । ଆଚାର୍ଯ୍ୟମାନେ ମଧ୍ୟ ଭଗବାନଙ୍କ ସଂକଳ୍ପରେ ପୃଥିବୀକୁ ଆସି ସମୟୋଚିତ ଶିକ୍ଷା ଦେଇ ମନୁଷ୍ୟକୁ ନୂତନ ଚେତନା ସ୍ତରରେ ଉପନୀତ ହେବାରେ ସାହାଯ୍ୟ କରନ୍ତି । ତାହା ହୁଏ ବେଦ, ଉପନିଷଦ୍ ଇତ୍ୟାଦି ଶାସ୍ତ୍ର ପ୍ରତିପାଦ୍ୟ ଆଦର୍ଶ । ଏହି ଆଦର୍ଶକୁ ଶିକ୍ଷା ଦେବାର ଦୁଇଟି ଅନିବାର୍ଯ୍ୟ ପ୍ରଣାଳୀ : ଗୋଟିଏ, ସ୍ୱୟଂ ଆଚରଣ କରି ଆଦର୍ଶ ରୂପେ ମନୁଷ୍ୟ ସାମନାରେ ରଖିବା, ଅନ୍ୟଟି ଏହା ମନୁଷ୍ୟର ଆବଶ୍ୟକ ଏବଂ ବେଦ, ଉପନିଷଦ୍ ଇତ୍ୟାଦି ଶାସ୍ତ୍ରର ପ୍ରତିପାଦ୍ୟ ବୋଲି ମନୁଷ୍ୟର ବୁଦ୍ଧିଗ୍ରାହ୍ୟ ଯୁକ୍ତିରେ ଲିଖିତ ଗ୍ରନ୍ଥ ଦ୍ୱାରା ବୁଝାଇ ଦେବା । ଏହାର ନାମ ଦର୍ଶନ ଶାସ୍ତ୍ର ବା ସିଦ୍ଧାନ୍ତ । ଆଚରଣ ତଥା ଦର୍ଶନ ଶାସ୍ତ୍ର ଏହି ଦୁଇଟିଯାକ ମନୁଷ୍ୟର ଶିକ୍ଷା ସକାଶେ ଆବଶ୍ୟକ । ଏହି ଦୁଇଟିରୁ ଗୋଟିକର ଅଭାବରେ ମନୁଷ୍ୟ ଶିକ୍ଷା ଗ୍ରହଣ କରିବାରେ ଅସମର୍ଥ ହୁଏ । ସ୍ୱୟଂ ଆଚରଣ ନ କରି କେବଳ ଦର୍ଶନ ଶାସ୍ତ୍ର ଲେଖିଲେ ଲୋକେ ତାହା ବିଶ୍ୱାସ କରନ୍ତି ନାହିଁ । ସ୍ୱୟଂ କର୍ମ ଆଚରଣ କରି ଦର୍ଶନଶାସ୍ତ୍ର ଦ୍ୱାରା ତାହା ପ୍ରତିପାଦନ ନ କଲେ କିଛିଦିନ ପରେ ତାହା ବିକୃତ ହୁଏ ଏବଂ ମନୁଷ୍ୟ ଜୀବନରେ ତାହାର ଆବଶ୍ୟକତା, ନିଜ ଲକ୍ଷ୍ୟ, ଲକ୍ଷ୍ୟ ପ୍ରାପ୍ତିର ଉପାୟ ବୋଲି ସେ ବୁଝିପାରେ ନାହିଁ । ଏହି କାରଣରୁ ଆଚରଣ ତଥା ଦର୍ଶନ – ଶାସ୍ତ୍ର ଉଭୟର ଆବଶ୍ୟକ ।

ଏହିରୂପେ ମନୁଷ୍ୟର ବିକାଶରେ ସାହାଯ୍ୟ କରିବା ବ୍ୟକ୍ତିଙ୍କୁ ଆଚାର୍ଯ୍ୟ କୁହାଯାଏ, ଯେଉଁମାନେ କି ବେଦ, ଉପନିଷଦରେ ନିହିତ ଥିବା ସତ୍ୟକୁ ଆବିଷ୍କାର କରନ୍ତି ଏବଂ ତଦନୁସାରେ ଆଚରଣ କରନ୍ତି ତଥା ତାହାର ବିସ୍ତାର କରନ୍ତି, ଯାହାଦ୍ୱାରା ମନୁଷ୍ୟ ଜାତି ଗୋଟାଏ ନୂତନ ଆଲୋକ ପାଇପାରେ । ସେହିମାନେ ହେଉଛନ୍ତି ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ମହାବୀର, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ମାଧବ, ବିଷ୍ଣୁସ୍ୱାମୀ ଓଗେର ମହାପୁରୁଷ । ଆଚାର୍ଯ୍ୟମାନେ ଯଥାର୍ଥରେ ମନୁଷ୍ୟ ଜାତିର ପଥ-ପ୍ରଦର୍ଶକ ।

# ବୁଦ୍ଧଦେବ

ଏହି ଆଚାର୍ଯ୍ୟମାନଙ୍କ ମଧ୍ୟରୁ ଉଦାହରଣ ରୂପେ କେତେକ ଆଚାର୍ଯ୍ୟଙ୍କ ସିଦ୍ଧାନ୍ତ ସମ୍ବନ୍ଧେ ଆଲୋଚନା କରିବା । ବୁଦ୍ଧଦେବ ଥିଲେ ଭଗବାନଙ୍କ ଅବତାର । ସେ ପୃଥିବୀକୁ ଆସି ସ୍ୱୟଂ ସାଧନା କରି ସତ୍ୟ ଉପଲବ୍ଧି କଲେ । ସେସମୟର ବ୍ୟକ୍ତି କାମନା ବାସନା ତୃପ୍ତ କରିବା ସକାଶେ ଯାଗ ଯଜ୍ଞ କରି ରାଜସିକ ଭୋଗରେ ଲିପ୍ତ ଥିଲେ । ଜୀବନର ପରମ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଏକାବେଳେକେ ଭୁଲି ଯାଇଥିଲେ । ସେମାନଙ୍କର ରାଜସିକତା ପ୍ରବଳ ମାତ୍ରାରେ ବୃଦ୍ଧି ହୋଇଥିବାରୁ ସେମାନେ ବେଦରୁ କେବଳ ମାତ୍ର ରାଜସିକ କର୍ମକୁ ପ୍ରତିପାଦନ କରୁଥିଲେ । ସେମାନଙ୍କୁ ରାଜସିକ କର୍ମରୁ ନିବୃତ୍ତ କରିବା ସକାଶେ ବୁଦ୍ଧଦେବ ବେଦ ପ୍ରତିପାଦିକ କର୍ମକାଣ୍ଡକୁ ଖଣ୍ଡନ କଲେ । ନିର୍ବାଣ ଶିକ୍ଷା ଦେଇ ହଜାର ହଜାର ନରନାରୀଙ୍କୁ ନିର୍ବାଣ ମୁକ୍ତିପ୍ରାପ୍ତ କରାଇ ଦେଲେ । ନିର୍ବାଣ ଅନୁଭୂତିର ସ୍ୱରୂପ, ଅବସ୍ଥା ଜାଣିବା ମନ ପକ୍ଷେ ଅସମ୍ଭବ । ସେଥିପାଇଁ ତାହା ନାମ ଅପ୍ରକାଶ୍ୟ ଅଥବା ଶୂନ୍ୟ ରଖିଥିଲେ । ଯଥାର୍ଥରେ ତାହା ଅଲୌକିକ ପରମାନନ୍ଦ ଅବସ୍ଥା ।

# ଆଚାର୍ଯ୍ୟ ଶଙ୍କରଙ୍କ ସିଦ୍ଧାନ୍ତ ମନୁଷ୍ୟର ଶେଷ ଲକ୍ଷ୍ୟ ନୁହେଁ :

ପୂର୍ବାବସ୍ଥା ଛାଡ଼ି ମନୁଷ୍ୟଜାତି ନିଜ ବିକାଶ ମାର୍ଗରେ କ୍ରମାଗତ ଅଗ୍ରସର ହୋଇଚାଲିଲା । ବୁଦ୍ଧଦେବଙ୍କ ନିର୍ବାଣ ଶିକ୍ଷା ଥିବା ସତ୍ତ୍ୱେ ସମୟୋପଯୋଗୀ ନୂତନ ଶିକ୍ଷାର ଆବଶ୍ୟକ ହେଲା । ଶିବଙ୍କ ଅଂଶଭୂତ ବା ବିଭୂତି ଆଚାର୍ଯ୍ୟ ଶଙ୍କର ଆସି ଅଦ୍ୱୈତ ସିଦ୍ଧାନ୍ତ ସ୍ଥାପନ କଲେ । ସେ ଘୋଷଣା କଲେ 'ବ୍ରହ୍ମ ସତ୍ୟଂ, ଜଗନ୍ମିଥ୍ୟା ଜୀବୋବ୍ରହ୍ମୈବ ନାପରଃ' । ଏକମାତ୍ର ବ୍ରହ୍ମ ସତ୍ୟ; ଗୋରୁ, ମନୁଷ୍ୟ, ପଶୁପକ୍ଷୀ, ବହୁନାମରୂପ ଦୃଶ୍ୟମାନ ବସ୍ତୁ ସବୁ ମାୟା, ମିଥ୍ୟା, ସ୍ୱପ୍ନବତ୍ । ''ରଜ୍ଜୁ ସର୍ପବତ୍, ଶୁକ୍ତିକା ରଜତବତ୍, ମୃଗତୃଷ୍ଣା ଜଳବତ୍'' ଏହି ଉଦାହରଣ ଦେଇ ସଂସାରକୁ ଅସତ୍ୟ ମାନି ଶଙ୍କର ବୁଦ୍ଧଦେବଙ୍କ ସିଦ୍ଧାନ୍ତ ଖଣ୍ଡନ କଲେ । ବେଦ ସ୍ୱତଃସିଦ୍ଧ ସତ୍ୟ, ତାକୁ ବୁଦ୍ଧଦେବ ଖଣ୍ଡନ କରିଥିଲେ । ସେହି କାରଣରୁ ବୁଦ୍ଧଦେବଙ୍କ ସିଦ୍ଧାନ୍ତ ଖଣ୍ଡନ କରିବା ଆବଶ୍ୟକ ଥିଲା । ବୁଦ୍ଧଦେବ ବେଦ ପ୍ରତିପାଦିତ କର୍ମକାଣ୍ଡ ଖଣ୍ଡନ କରି ରାଜସିକ କର୍ମରୁ ଲୋକଙ୍କୁ ନିବୃତ୍ତ କରାଇ ଦେଇଥିଲେ । ତଥାପି ମନୁଷ୍ୟର କର୍ମରେ ଆସକ୍ତି ପ୍ରବଳ ଥିଲା । କର୍ମତ୍ୟାଗ ସକାଶେ ସେହି ସମୟରେ ଜଗତ୍ ମିଥ୍ୟ, ମାୟା କହିବା ଆବଶ୍ୟକ ଥିଲା । ଏହାର ପରିଣାମରେ ସଂସାର-କର୍ମ ତଥା ଅଧ୍ୟାତ୍ମ ମୁକ୍ତି ଏକାବେଳେକେ ପୃଥକ୍ ହୋଇଗଲା । ପୂର୍ବେ କୁହାହୋଇଛି, ଶରୀର, ମନ, ପ୍ରାଣ ଓ ଆତ୍ମାର ମିଳନରେ ହୁଏ ବ୍ୟକ୍ତିତ୍ୱ । ଆତ୍ମା କେବଳ ସଚେତ ଏବଂ ଜ୍ଞାନ, ଦିବ୍ୟ ଦୃଷ୍ଟିଯୁକ୍ତ । ମନ, ପ୍ରାଣ ଅଜ୍ଞାନାଚ୍ଛନ୍ନ, ଆତ୍ମା ଦ୍ୱାରା ଏମାନେ ପରିଚାଳିତ ହେଲେ ଯଥାର୍ଥ କର୍ମ କରନ୍ତି ଏବଂ ଯଥାର୍ଥ ମାର୍ଗରେ ପରିଚାଳିତ ହୁଅନ୍ତି । ଆତ୍ମଜ୍ଞାନ ପ୍ରାପ୍ତ ହୁଏ ଅଧ୍ୟାତ୍ମ ଶିକ୍ଷା ଦ୍ୱାରା । ଜଗତ୍ ମିଥ୍ୟା, ମାୟା, ଏଭଳି ସିଦ୍ଧାନ୍ତ ଦ୍ୱାରା ଅଧ୍ୟାତ୍ମ ତଥା ସଂସାରକର୍ମ ଏକାବେଳେକେ ପୃଥକ୍ ହୋଇଗଲା । ଦୁଇ ମଧ୍ୟରେ ଗୋଟିଏ ବ୍ୟବଧାନ ସୃଷ୍ଟି ହେଲା, ସଂସାରୀ ଲୋକେ ଅଜ୍ଞାନବଶତଃ ନିଜ ଲକ୍ଷ୍ୟକୁ ଭୁଲି କର୍ମରେ ପ୍ରବୃତ୍ତ ହୋଇ ଅନ୍ୟାୟ ଆଚରଣରୁ ଦୁଃଖକଷ୍ଟ ଜନ୍ମ-ମରଣ ଯନ୍ତ୍ରଣା ଭୋଗି କିଂକର୍ତ୍ତବ୍ୟବିମୂଢ଼ ହୋଇ ସଂସାରଚକ୍ରରେ ଭ୍ରମିଲେ । ଅଧ୍ୟାତ୍ମବାଦୀ, କର୍ମତ୍ୟାଗୀ ସାଧକ କୈବଲ୍ୟ-ମୁକ୍ତିରେ ଅନିର୍ବଚନୀୟ ଆନନ୍ଦରେ ବୁଡ଼ି ରହିଲେ । ସଂସାରୀ ବ୍ୟକ୍ତି ଦୁଃଖକଷ୍ଟରେ ପଡ଼ି ଶଢ଼ିଲେ । ଅଦ୍ୱୈତବାଦୀ ସାଧକ ମୁକ୍ତ ଅନିର୍ବଚନୀୟ ଆନନ୍ଦରେ ପହଞ୍ଚି କହିଲେ ଯେ ସଂସାର ମିଥ୍ୟା, ମାୟା, ଅଳୀକ । ଯେବେ ନାମ ରୂପ ବସ୍ତୁ ମିଥ୍ୟା, ତେବେ ଦୁଃଖକଷ୍ଟ ଆସିବ କେଉଁଠୁ ? କାରଣ ମିଥ୍ୟା ହେଲେ କାର୍ଯ୍ୟ ସତ୍ୟ ହେବ କିପରି ? ସେହି ସମୟରେ ବ୍ୟକ୍ତି ସଂସାରରେ ଏପରି ଆସକ୍ତ ଥିଲେ ଯେ ସଂସାର ମାୟା ପ୍ରତିପାଦିତ ନ ହୋଇଥିଲେ ଅଧ୍ୟାତ୍ମ-ମୁକ୍ତି ପ୍ରତିଷ୍ଠିତ ହୋଇ ପାରି ନ ଥା'ନ୍ତା । କିନ୍ତୁ ମନୁଷ୍ୟ ଜୀବନର ପୂର୍ଣ୍ଣତାର ଏହା ଗୋଟିଏ ଅଙ୍ଗ । ଏହି ମୁକ୍ତ ଅବସ୍ଥା ମନୁଷ୍ୟର ଉପଲବ୍ଧି ନ ହେଲେ ତା'ର ଜୀବନର ପୂର୍ଣ୍ଣତାରେ ଯେଉଁ

ଅନ୍ୟ ଦିଗ ଦିବ୍ୟ-କର୍ମ ତାହା ସମ୍ପାଦିତ ହୁଏ ନାହିଁ । ଦିବ୍ୟ-କର୍ମ ଛଡ଼ା ମନୁଷ୍ୟର ପରମ ଲକ୍ଷ୍ୟ ପରମାନନ୍ଦ ପ୍ରାପ୍ତି ହୋଇପାରେ ନାହିଁ । ମନୁଷ୍ୟର ପୂର୍ଣ୍ଣତା ପ୍ରାପ୍ତିରେ ଆଚାର୍ଯ୍ୟଙ୍କ ମୁକ୍ତ ଅବସ୍ଥା ଅନିବାର୍ଯ୍ୟ ଥିଲା । କିନ୍ତୁ ତାହା ଥିଲା ମନୁଷ୍ୟ ଜୀବନର ପୂର୍ଣ୍ଣତାର ଗୋଟିଏ ଅଙ୍ଗ । ଦର୍ଶନ ଶାସ୍ତ୍ରରେ ଏହିପରି ବ୍ୟାଖ୍ୟା କରା ନ ହୋଇ ମୁକ୍ତ ଅବସ୍ଥାକୁ ଜୀବନର ଶେଷ ଲକ୍ଷ୍ୟ ବୋଲି ମାନି ନିଆ ହୋଇଥିଲା । ଜୀବନର ଯଥାର୍ଥ ରହସ୍ୟ ଶଙ୍କରଙ୍କ ଦର୍ଶନ ଶାସ୍ତ୍ରରେ ପ୍ରକାଶ ନ ହୋଇ ଥିବାରୁ ତାହା ଆଚାର୍ଯ୍ୟ ରାମାନୁଜଙ୍କ ଦ୍ୱାରା ଖଣ୍ଡିତ ହେଲା । କିନ୍ତୁ ଅନୁଭୂତି ସତ୍ୟ ଥିବାରୁ ତାହା ଜୀବନ ବିକାଶ ସଙ୍ଗେ ସ୍ଥାୟୀ ହୋଇ ରହିଲା । ଭବିଷ୍ୟତରେ ମଧ୍ୟ ରହିବ । ସତ୍ୟର ନାଶ କେବେ ବି ହୁଏ ନାହିଁ । ଆଚାର୍ଯ୍ୟ ଶଙ୍କର ଯେତେବେଳେ ନିଜ ସିଦ୍ଧାନ୍ତକୁ ଜୀବନର ଶେଷ ଲକ୍ଷ୍ୟ ବୋଲି କହିଥିଲେ ସେହି ସମୟ ସକାଶେ ତାହା ଆବଶ୍ୟକ ଏବଂ ସତ୍ୟ ଥିଲା । ଯଥାର୍ଥରେ ଆଚାର୍ଯ୍ୟ ଶଙ୍କରଙ୍କ ଏହି ସିଦ୍ଧାନ୍ତ ଜୀବନର ଶେଷ ଲକ୍ଷ୍ୟ ନୁହେଁ । ଯଦି ଏହାକୁ ଜୀବନର ଚରମ ଲକ୍ଷ୍ୟ ମାନି ନିଆହୁଏ ତେବେ କେତେଗୁଡ଼ିଏ ବିରୋଧାତ୍ମକ ପ୍ରଶ୍ନ ଉପସ୍ଥିତ ହୁଏ, ଯାହାର ସମାଧାନ ଏକାବେଳେକେ ନାହିଁ । ପ୍ରଶ୍ନ ହୁଏ ସଂସାର ହେଲା କିପରି ? ଜୀବ ସଚ୍ଚିଦାନନ୍ଦ ସ୍ୱରୂପ, ତାକୁ ଯଦି ବସ୍ତୁ ଜଗତ୍ ପରିତ୍ୟାଗ କରି ନିଜ ସ୍ୱରୂପକୁ ଫେରି ଯିବାର ଥିଲା, ସେ ଏହି ସଂସାରକୁ ଆସିଲା କାହିଁକି ? ଯଦି କୁହାଯାଏ, ମାୟାରେ ମୋହିତ ହୋଇ ଜୀବ ଅଜ୍ଞାନ ବନ୍ଧନରେ ପଡ଼ି ଏହି ସଂସାରକୁ ଆସିଲା, ତେବେ ମାୟା ଆସିଲା କେଉଁଠୁ : ଯଦି କୁହାଯାଏ କୌଣସି ମଧ୍ୟବର୍ତ୍ତୀ ଆକସ୍ମିକ ଘଟନା ଦ୍ୱାରା ଜଗତ୍ ଉତ୍ପନ୍ନ ହେଲା, ତେବେ ଆକସ୍ମିକ ଘଟନା, ମଧ୍ୟବର୍ତ୍ତୀ ଅବସ୍ଥା ସବୁ ତ' ମାୟା, ଅସତ୍ୟ, ଭ୍ରମ । ବ୍ରହ୍ମ ଏକ ଏବଂ ଜ୍ଞାନ ସ୍ୱରୂପ । ବ୍ରହ୍ମ ଛଡ଼ା ଅନ୍ୟ ବସ୍ତୁ ଆସିବ କିପରି ? ଏହାର କୌଣସି ଉତ୍ତର ନାହିଁ କିଂବା ସମାଧାନ ନାହିଁ । ସମାଧାନ ଅଛି ଉପନିଷଦରେ । ବ୍ରହ୍ମ ସ୍ୱୀୟ ସଂକଳ୍ପରେ ''ଏକୋଽହଂ ବହୁସ୍ୟାମି''— ଏକରୁ ବହୁ ହେଲେ, ବହୁ ମଧ୍ୟରେ ନିଜକୁ ପ୍ରକାଶ କରିବା ଉଦ୍ଦେଶ୍ୟରେ । ଏହି ସିଦ୍ଧାନ୍ତ ଯଥାର୍ଥ ତଥା ଯୁକ୍ତିଯୁକ୍ତ । ଏଥିରେ କୌଣସି ସିଦ୍ଧାନ୍ତର ବିରୋଧ ନାହିଁ । ବେଦ, ଉପନିଷଦ୍, ଗୀତାଦି ଶାସ୍ତ୍ରର ସମନ୍ୱୟ, ଜୀବନ, ଜଗତ୍, ସମସ୍ୟାର ସମାଧାନ, ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧାନ୍ତ ।

ଆଚାର୍ଯ୍ୟ ଶଙ୍କରଙ୍କ ସିଦ୍ଧାନ୍ତ ବିରୋଧରେ ସ୍ୱାଭାବିକ ରୂପେ ଏହି ପ୍ରଶ୍ନ ଉତ୍‌ଥାପିତ ହୁଏ ଏବଂ ଶଙ୍କରବାଦୀ ସେସବୁର ନିମ୍ନୋକ୍ତ ପ୍ରକାରରେ ଉତ୍ତର ଦିଅନ୍ତି :

ପ୍ରଶ୍ନ : ଅଦ୍ୱୈତ ସିଦ୍ଧାନ୍ତରେ 'ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ ।' ଜଗତ୍ ମିଥ୍ୟା, ତେବେ ମିଥ୍ୟା ସଂସାର ଆସିଲା କେଉଁଠୁ ? ବ୍ରହ୍ମ ମାୟାଗ୍ରସ୍ତ ଜୀବ ହେଲା କାହିଁକି ?

ଉତ୍ତର : ଯେ ମିଥ୍ୟା, ତା'ର ଆସିବାର ପ୍ରଶ୍ନ ନାହିଁ । ଜୀବ ମାୟାଗ୍ରସ୍ତ ହୋଇ ଭ୍ରମବଶତଃ ମିଥ୍ୟାକୁ ସତ୍ୟ ମାନିନିଏ । ଅଜ୍ଞାନ ଦୂର ହେଲେ ମିଥ୍ୟାର ଅପସାରଣ ହୁଏ ।

ପ୍ରଶ୍ନ : ବ୍ରହ୍ମ ଏକ ଅଦ୍ୱିତୀୟ, ଶୁଦ୍ଧ ସତ୍ୟ, ଜ୍ଞାନସ୍ୱରୂପ, ସେ ମାୟାଗ୍ରସ୍ତ ହୋଇ ନାମ-ରୂପ-ବିଶିଷ୍ଟ ବହୁ ହେଲେ କିପରି ? କ'ଣ ମାୟା ବ୍ରହ୍ମ ସଦୃଶ ସତ୍ୟ ? କ'ଣ ମାୟା ବ୍ରହ୍ମ ପରି ?

ଉତ୍ତର : କଦାପି ନୁହେଁ । ମାୟାର ଅର୍ଥ କେବଳ ଗୋଟାଏ ଭ୍ରମାତ୍ମକ ଧାରଣା ।

ପ୍ରଶ୍ନ : ଅଜ୍ଞାନରେ ମୋହିତ ପ୍ରାଣୀର ଭ୍ରମ ଧାରଣା ହୋଇପାରେ । ବ୍ରହ୍ମର ଯଦି ଭ୍ରମ ଧାରଣା ହୁଏ, ତେବେ ସେ ଶାଶ୍ୱତ ସତ୍ୟ ହେବେ କିପରି ?

ଉତ୍ତର : ବ୍ରହ୍ମର ଭ୍ରମ ଧାରଣା ହୁଏ ନାହିଁ । ସେ ସବୁସମୟରେ ଅଖଣ୍ଡ ଏକରସ ଅପରିବର୍ତ୍ତନୀୟ । ବହୁ ନାମ-ରୂପ ପ୍ରାଣୀର ଅବସ୍ଥା ସ୍ୱପ୍ନବତ୍ । ବ୍ୟକ୍ତି ଜାଗ୍ରତରେ ଯେଉଁ ପରିସ୍ଥିତିରେ ଥାଏ ସେ ନିଦ୍ରା ଅବସ୍ଥାରେ ମଧ୍ୟ ସେହିପରି ଥାଏ, ତା' ବ୍ୟକ୍ତିତ୍ୱରେ ଲେଶମାତ୍ର ପରିବର୍ତ୍ତନ ନ ଥାଏ, କିନ୍ତୁ ସେ ସ୍ୱପ୍ନରେ କେବେ ରାଜା ହୁଏ, କେବେ ରୋଗୀ ହୁଏ, କେବେ ଯୁଦ୍ଧ କରି ସର୍ବସ୍ୱ ନାଶ କରେ, ବିୟୋଗ ମିଳନରେ ସୁଖ ଦୁଃଖ ଅନୁଭବ କରେ । ସ୍ୱପ୍ନ ଅବସ୍ଥାର କୌଣସି ଅସ୍ତିତ୍ୱ ନ ଥାଏ, ସେ ତିନି କାଳରେ ମିଥ୍ୟା ଭ୍ରମ ମାତ୍ର । ସେହିପରି ବହୁ ନାମରୂପ ସ୍ୱପ୍ନ ସଦୃଶ ଗୋଟିଏ ମଧ୍ୟବର୍ତ୍ତୀ ଅବସ୍ଥା ।

ପ୍ରଶ୍ନ : ସ୍ୱପ୍ନ ଏବଂ ଭ୍ରମର କାରଣ ଅଜ୍ଞାନ । ଶାଶ୍ୱତ ସତ୍ୟ ବ୍ରହ୍ମ ପାଖକୁ ଅଜ୍ଞାନ ଆସିଲା କେଉଁଠୁ ?

ଉତ୍ତର : ଆସିବାର ପ୍ରଶ୍ନ ନାହିଁ । ଏହା ଗୋଟାଏ ମଧ୍ୟବର୍ତ୍ତୀ ଅବସ୍ଥାର ଭ୍ରାନ୍ତି ମାତ୍ର । ଯେପରି ସୁନା ଏବଂ କଣ୍ଠି । ସୁନା ତଥା କଣ୍ଠି ଉଭୟ ଏକ ବସ୍ତୁ । କେବଳ ଆକାର, ଆଉ ନାମ 'କଣ୍ଠି' । ଏହା ଗୋଟିଏ ମଧ୍ୟବର୍ତ୍ତୀ ଅବସ୍ଥା । ଏହାର କୌଣସି ଅସ୍ତିତ୍ୱ ନାହିଁ ।

ପ୍ରଶ୍ନ : ଏହି ମଧ୍ୟବର୍ତ୍ତୀ ଅବସ୍ଥାର ନାମରୂପ : ଏହାକୁ ଭ୍ରମ କହନ୍ତୁ, ମାୟା, ମିଥ୍ୟା କହନ୍ତୁ, ଏହାର ଉତ୍ପତ୍ତି ହେଲା କିପରି ? ଭ୍ରମର କାରଣ ମାୟା, ଅଜ୍ଞାନ । ଜ୍ଞାନ ସ୍ୱରୂପ ବ୍ରହ୍ମର ଅଜ୍ଞାନ ହେଲା କିପରି ? ଯଦି ଭ୍ରମ ଏବଂ ଅଜ୍ଞାନର ଅସ୍ତିତ୍ୱ ମାନି ନିଆ ହୁଏ ତେବେ ଅଦ୍ୱୈତ ସିଦ୍ଧାନ୍ତ ସିଦ୍ଧ ହୋଇ ପାରିବ ନାହିଁ ।

ଏହି ଯେଉଁ ଏତେ ବଡ଼ ବିସ୍ତୃତ ସଂସାର, ଦୁଃଖକଷ୍ଟରେ ପୂର୍ଣ୍ଣ, ଯୁଦ୍ଧ ବିଗ୍ରହରେ ମନୁଷ୍ୟ ଜୀବନ ବିପତ୍‌ସଙ୍କୁଳ, ରାଗ, ଦ୍ୱେଷ, ଘାତ ପ୍ରତିଘାତରେ ମନୁଷ୍ୟ ମ୍ରିୟମାଣ, ପାରିବାରିକ ମୋହ ଆସକ୍ତିରେ ବ୍ୟକ୍ତିର ହୃଦୟ ବ୍ୟଥିତ, ସଂସାରର ଏହି ଦୁଃଖ ଦାରିଦ୍ର୍ୟ, ମାନ ଅପମାନ, ମିତ୍ର ଶତ୍ରୁ, ମିଳନ ବିୟୋଗ, ଜନ୍ମ ମରଣ ଦ୍ୱନ୍ଦ୍ୱ – ସବୁ ତେବେ ଭ୍ରମ ? ସୁବର୍ଣ୍ଣ ମଣି ରୂପେ ପ୍ରତୀତ ହେବାର ଭ୍ରାନ୍ତ ଅବସ୍ଥା ? ଏତେବଡ଼ ଦୁଃଖ-ସୁଖପୂର୍ଣ୍ଣ ପ୍ରତ୍ୟକ୍ଷ ସଂସାରକୁ କେବଳ ଭ୍ରାନ୍ତି କହି ଉଡ଼ାଇ ଦିଆଯାଇ ପାରେ ? ଆନୁଷଙ୍ଗିକ ଅବସ୍ଥାର ସ୍ୱରୂପ ଯେପରି ହେଉ, ତାହା ଅଜ୍ଞାନ, ବ୍ରହ୍ମର ବିନା ସଂକଳ୍ପରେ ଅଜ୍ଞାନ ଭ୍ରମ ଆସିବା ବ୍ରହ୍ମର ସତ୍ୟତାର ମହାନ୍ ବିରୋଧ । ଏହି ଯେଉଁ ନାମରୂପ ଜଗତ୍ ଏହାର ସ୍ରଷ୍ଟା କେହି ନାହିଁ । ଏହି ପ୍ରଶ୍ନ ଆରମ୍ଭରୁ ଚାଲିଛି । ଶେଷପର୍ଯ୍ୟନ୍ତ ଏହାର କୌଣସି ଯୁକ୍ତିଯୁକ୍ତ ଉତ୍ତର ନାହିଁ ? କେବଳ ଗୋଟିଏ ବସ୍ତୁକୁ ଭିନ୍ନ ଭିନ୍ନ ନାମରେ ଉତ୍ତର ଦିଆହେଉଛି । ଯଥାର୍ଥ ସମାଧାନ ନାହିଁ । କେବଳ ଉତ୍ତର ଦେଇ ପ୍ରଶ୍ନଟିକୁ ଟାଳି ଦିଆହେଉଛି ।

ଉତ୍ତର : ଯେତେବେଳେ ଉଚ୍ଚତର ଚେତନାରେ ନିରାକାର, ନିର୍ବିଶେଷ ସତ୍ତାରେ ଜୀବ ବ୍ରହ୍ମ ଏକ ହୋଇଯାଏ ତାହା ଅନିର୍ବଚନୀୟ ଆନନ୍ଦ । ସେହି ଜ୍ଞାନରେ ଏହିସବୁ ଦୃଶ୍ୟମାନ ବସ୍ତୁ ନାମରୂପସବୁ ମିଥ୍ୟାମାୟା । ଯେ କେହି ବ୍ୟକ୍ତି ଏହି ଅନୁଭୂତି ପ୍ରାପ୍ତ କରେ ସେ ଏହାର ସତ୍ୟତା ବୁଝିପାରେ । ଏହା ଅନୁଭବଗମ୍ୟ ସତ୍ୟ ।

ପ୍ରଶ୍ନ : ଏହି ଅନୁଭୂତି ସତ୍ୟ, ସେ ଅବସ୍ଥାରେ ନାମରୂପ ସବୁ ମିଥ୍ୟା ମାୟା । ଏଥିରେ ପ୍ରଥମ ବିରୋଧ ହେଲା : ମିଥ୍ୟା ମାୟା ବ୍ରହ୍ମ ଉପରେ ଆରୋପ ହେଲା କିପରି ? ଦ୍ୱିତୀୟ ବିରୋଧ ହେଲା ଯଦି ଫେରିଯାଇ ବ୍ରହ୍ମରେ ଲୀନ ହେବାର ଥିଲା, ତେବେ ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ କ'ଣ ? ଏହି ବିରୋଧିତାର ଉତ୍ତର ଆଚାର୍ଯ୍ୟ ଶଙ୍କରଙ୍କ ଦର୍ଶନ ଶାସ୍ତ୍ରରେ ନାହିଁ । ଏହାର ଉତ୍ତର ଅଛି ଉପନିଷଦର ବାକ୍ୟ : 'ଏକୋଽହଂ ବହୁସ୍ୟାମି' ଅନୁସାରେ, ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ମନ, ପ୍ରାଣରେ ସଚ୍ଚିଦାନନ୍ଦ ପୁରୁଷୋତ୍ତମଙ୍କୁ ଉପଲବ୍ଧି କରିବାରେ । ବ୍ରହ୍ମ ଉପରେ ମାୟା ଲଦି ଦିଆ ହୋଇ ନାହିଁ । ସେ ଜ୍ଞାନ ସ୍ୱରୂପ ମାୟା, ଭ୍ରମ, ସ୍ୱପ୍ନ ତାଙ୍କୁ ସ୍ପର୍ଶ କରିପାରେ ନାହିଁ । ସେ ସ୍ୱେଚ୍ଛାରେ ନିଜକୁ ବହୁରୂପେ ପ୍ରକାଶ କରିବା ସକାଶେ, 'ଏକୋଽହଂ ବହୁସ୍ୟାମି' ସଂକଳ୍ପ କରି ନିଜ ମାୟା ଆଶ୍ରୟରେ ଏକାବେଳେକେ ଜଡ଼ ମଧ୍ୟରେ ନିମଜ୍ଜନ ହୋଇଗଲେ । କ୍ରମବିକାଶର ନିୟମ ଅନୁସାରେ ଜଡ଼ରୁ ତରୁତୃଣ ପଶୁପକ୍ଷୀ ମଧ୍ୟଦେଇ ମନୁଷ୍ୟରେ ଉପନୀତ ହୋଇଛନ୍ତି । ମନୁଷ୍ୟ ଅବସ୍ଥାକୁ ଅତିକ୍ରମ କରି ଅତିମାନବତ୍ୱରେ ପହଞ୍ଚିବେ । ଏହି ସିଦ୍ଧାନ୍ତ ଶ୍ରୀଅରବିନ୍ଦଙ୍କ ଯୋଗର । ଏଥିରେହିଁ ସମସ୍ତ ପୁରାତନ ଦାର୍ଶନିକ ମତଭେଦ, ବିରୋଧର ସମନ୍ୱୟ ଏବଂ ଜଗତ୍, ଜୀବନ ସୃଷ୍ଟି ହେବା ପ୍ରଶ୍ନର ଯଥାର୍ଥ ଉତ୍ତର । ଅର୍ଥାତ୍ ଏହି ଯେଉଁ ପ୍ରଶ୍ନ :

ପ୍ରଶ୍ନ : ଜଗତ୍ କାହିଁକି ହେଲା, କିଏ କଲା ?

(ଏହାର ଯଥାର୍ଥ ଉତ୍ତର ଶ୍ରୀଅରବିନ୍ଦ ଦେଇଛନ୍ତି)

ଉତ୍ତର : ଜଗତରେ ସ୍ୱୟଂ ବ୍ରହ୍ମ ନିଜକୁ ପ୍ରକାଶ କରିବା ଉଦ୍ଦେଶ୍ୟରେ ନିଜ ସଂକଳ୍ପରେ ନିଜେ ବହୁରୂପେ ପ୍ରକଟ ହେଲେ ।

ଅଦ୍ୱୈତବାଦୀ ସାଧକ ପ୍ରଶ୍ନ କରିପାରନ୍ତି :

ପ୍ରଶ୍ନ : ବ୍ରହ୍ମ ଶାଶ୍ୱତ ସତ୍ୟ ଏବଂ ଅଦ୍ୱୈତ । ବ୍ରହ୍ମର ସଂକଳ୍ପ ହେବା ଦ୍ୱୈତତା ତଥା ଅଜ୍ଞାନତା । ଏହାର ସମାଧାନ କ'ଣ ?

ଉତ୍ତର : ବ୍ରହ୍ମ ଏକ ଶାଶ୍ୱତ ସତ୍ୟ । ସେ ସର୍ବଶକ୍ତିମାନ୍ । ସେ କୌଣସି ମାନସିକ ସୀମିତତାରେ ଆବଦ୍ଧ ନୁହନ୍ତି । ସେ ମାନସ ଚେତନାର ବହୁ ଉର୍ଦ୍ଧ୍ୱରେ । ସେ ବହୁ ହୋଇ ଏକ, ସଂକଳ୍ପ କରି ଅଦ୍ୱୈତ ରହି ପାରନ୍ତି, ଜଗତ୍ ସର୍ଜନା ଇତ୍ୟାଦି ମହାନ୍ କାର୍ଯ୍ୟ କରି ମଧ୍ୟ ନିଷ୍କ୍ରିୟ, ନିରାକାର, ନିର୍ବିଶେଷ ସତ୍ତାରୂପେ ରହିପାରନ୍ତି । ସେହି ସକାଶେ ତାଙ୍କ ନାମ ଅନନ୍ତ ଏବଂ ସେ ସର୍ବଶକ୍ତିମାନ୍ । ଅନନ୍ତର ଅର୍ଥ ମନର କଳ୍ପନାତୀତ । ତାଙ୍କ ସ୍ୱରୂପ ବେଦ ବର୍ଣ୍ଣନା କରିବାରେ ଅସମର୍ଥ । ଏପରି ଅବାଙ୍ମାନସଗୋଚର ବ୍ରହ୍ମଙ୍କୁ ନିଷ୍କ୍ରିୟ, ନିରାକାର, ସ୍ଥାଣୁ, ଅଚଳ ସଂଜ୍ଞାରେ ବାନ୍ଧି ଦିଆଯାଇ ପାରେ ନାହିଁ । ବେଦ, ଉପନିଷଦରେ ବ୍ରହ୍ମର ଯେଉଁ ସ୍ୱରୂପ ପ୍ରତିପାଦିତ ହୋଇଛି, ତାହାହିଁ ବର୍ଣ୍ଣିତ ହୋଇଛି ଗୀତା, ରାମାୟଣରେ ।

ଗୀତା

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ।
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ॥
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ୟବ୍ୟୟ ଈଶ୍ୱରଃ ।
ଯସ୍ମାତ୍କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥

ଗୀତା, ଅଧ୍ୟାୟ ୧୫, ଶ୍ଳୋକ ୧୬/୧୭/୧୮

ଗୀତାରେ ସାକାର ନିରାକାର ପରେ ପରମବ୍ରହ୍ମ ପୁରୁଷୋତ୍ତମଙ୍କ ଯେଉଁ ସ୍ୱରୂପ ବର୍ଣ୍ଣନ କରାହୋଇଛି ତାହା ବେଦ, ଉପନିଷଦର ବ୍ୟାଖ୍ୟା । ଏହାକୁ ଗୋସ୍ୱାମୀ ତୁଳସୀଦାସ ରାମଚରିତ ମାନସରେ ଲେଖିଅଛନ୍ତି । ରାମଚରିତ ମାନସର ଉଦାହରଣ ନିମ୍ନରେ ଦିଆଗଲା :

ଜୋ ସ୍ୱରୂପ ବସ ଶିବ ମନମାହୀ ।
ଜେହି କାରଣ ମୁନି ଜତନ କରାହୀ ॥
ଜୋ ଭୁଶୁଣ୍ଡି ମନ ମାନସ-ହଂସା ।
ସଗୁନ ଆଗୁନ ଜେହି ନିଗମ ପ୍ରଶଂସା ॥
ବିନୁ ପଦ ଚଲୈ ସୁନୈ ବିନୁ କାନା
କରବିନୁ କରମ କରତ ବିଧି ନାନା ॥
ଆନନ ରହିତ ସକଳ ରସ ଭୋଗୀ ।
ବିନୁ ବାନି ବକତା ବଡ଼ ଯୋଗୀ ॥
ତନ ବିନୁ ପରଶ ନୟନ ବିନୁ ଦେଖା ।
ଗ୍ରହୈ ଘ୍ରାଣ ବିନୁ ବାସ ଅଶେଷା ॥
ଅସ ସବ ଭାନ୍ତି ଅଲୌକିକ କରନି ।
ମହିମା ଅମିତ ଯାଇ ନହି ବରଣୀ ॥

ଭଗବାନ୍ ଶିବ ବ୍ରହ୍ମ ସ୍ୱରୂପ, ପରମ ଜ୍ଞାନୀ । ସେ ବ୍ରହ୍ମ ସ୍ୱରୂପ ଠିକ୍ ଠିକ୍ ଜାଣନ୍ତି । ଯେଉଁ ପରାପର ବ୍ରହ୍ମ ଶଙ୍କରଙ୍କ ମାନସରେ ପ୍ରତିଷ୍ଠିତ, ଯେଉଁ ପରମ ବ୍ରହ୍ମକୁ ପ୍ରାପ୍ତ କରିବାକୁ ମନନଶୀଳ ମୁନିମାନେ ଯତ୍ନ କରନ୍ତି, ଯେଉଁ ବ୍ରହ୍ମ କାକଭୁଷଣ୍ଡିଙ୍କର ମାନସ-ହଂସ, ଯାହାକୁ ସଗୁଣ ଏବଂ ନିର୍ଗୁଣ ରୂପେ ନିଗମ ବେଦ ପ୍ରଶଂସା କରେ, ସେହି ବ୍ରହ୍ମ ବିନା ପାଦରେ ଚାଲେ, ବିନା ଶ୍ରବଣରେ ଶୁଣେ, ହସ୍ତ ବିନା ସମସ୍ତ କର୍ମ କରେ, ମୁଖ ନ ଥାଇ ସକଳ ରସ ଆସ୍ୱାଦନ କରେ, ବାଣୀ ବିନା ସମସ୍ତ କିଛି କହିପାରେ, ଶରୀର ବିନା ସ୍ପର୍ଶ କରେ, ନୟନ ବିନା ଦେଖେ, ନାସିକା ବିନା ସମସ୍ତ ଗନ୍ଧ ଗ୍ରହଣ କରେ । ସେହି ବ୍ରହ୍ମର ସମସ୍ତ ପ୍ରକାର ଅଲୌକିକ କ୍ରିୟା, ତା'ର ଯେଉଁ ଅନନ୍ତ ମହିମା, କୌଣସି ବ୍ୟକ୍ତି ବା କୌଣସି ଶାସ୍ତ୍ର ଦ୍ୱାରା ତାହା ବର୍ଣ୍ଣିତ ହୋଇପାରେ ନାହିଁ ।

ଗୀତା, ରାମାୟଣ ବେଦ ଓ ଉପନିଷଦ୍ ସ୍ପଷ୍ଟଭାବେ ଘୋଷଣା କରିଛି, କ୍ଷର ଅକ୍ଷର ଅର୍ଥାତ୍ ସଗୁଣ ଓ ନିର୍ଗୁଣ ଉଭୟର ଊର୍ଦ୍ଧ୍ୱରେ ପୁରୁଷୋତ୍ତମ ତତ୍ତ୍ୱ ।

ବ୍ରହ୍ମ ଚତୁଷ୍ପାଦ ବିଭୂତିଯୁକ୍ତ ସାକାର, ନିରାକାର, ଏକସଙ୍ଗେ ପୁରୁଷୋତ୍ତମ ସତ୍, ଚିତ୍, ଆନନ୍ଦ ସ୍ୱରୂପ । ସେହି ଏକହି ବ୍ରହ୍ମ ସାକାର ନିରାକାର ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱ । ବ୍ରହ୍ମ ଅବାଙ୍ମାନସଗୋଚର । ଅର୍ଥାତ୍ ମନ ଚେତନାର ସେ ବହୁ ଊର୍ଦ୍ଧ୍ୱରେ । ବ୍ରହ୍ମ ସର୍ବଶକ୍ତିମାନ୍ । ସେ ନିରାକାର ନିର୍ବିଶେଷ ସତ୍ତା ରୂପେ ନିଷ୍କ୍ରିୟ ରହି ଜଗତ୍ ପାଳନ, ସୃଜନ ସଂହାର କରନ୍ତି । ସେହି ବ୍ରହ୍ମ ନିଜ ସଂକଳ୍ପରେ ନିଜ ମାୟା ଆଶ୍ରୟରେ ଏକରୁ ବହୁ ହେବା ସଂକଳ୍ପ କରି ଏକାବେଳେକେ ଜଡ଼ରେ ନିମଜ୍ଜନ କରିଯାଆନ୍ତି । କ୍ରମ-ବିକାଶ ଅନୁସାରେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ମନୁଷ୍ୟରେ ଉପନୀତ ହୋଇ ଅଛନ୍ତି, ମନ ଊର୍ଦ୍ଧ୍ୱସ୍ଥ ଅତିମାନସ ଚେତନା ପ୍ରାପ୍ତ କରି ଏହି ପୃଥିବୀରେ ଦିବ୍ୟମାନବର ରୂପାନ୍ତରିତ ଶରୀରରେ ନିଜକୁ ପୂର୍ଣ୍ଣ ପ୍ରକାଶ କରିବା ସକାଶେ । ବ୍ରହ୍ମର ଏହି ସଚ୍ଚିଦାନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ଅତ୍ୟନ୍ତ ସ୍ପଷ୍ଟରୂପେ ବେଦ, ଉପନିଷଦ୍, ଗୀତା, ରାମାୟଣ ଭାଗବତରେ ପ୍ରତିପାଦିତ ହୋଇଥିବା ସତ୍ତ୍ୱେ ଏହାର ପୂର୍ଣ୍ଣ ପ୍ରକାଶର ସମୟ ଆସି ନ ଥିଲା । ଏହାର ମଧ୍ୟବର୍ତ୍ତୀ ଅବସ୍ଥାରେ ଆଚାର୍ଯ୍ୟମାନେ ଏହି ବ୍ରହ୍ମର ଗୋଟିଏ ଗୋଟିଏ ସତ୍ୟ, ଶାଶ୍ୱତ ଅବସ୍ଥା ଅନୁଭବ କଲେ । କିନ୍ତୁ ନିଜ ସତ୍ୟ ଅନୁଭୂତିକୁ ଯୁକ୍ତି ଦ୍ୱାରା ଦାର୍ଶନିକ ରୂପ ଦେବାକୁ ଯାଇ ଗୀତା ଉପନିଷଦର ସ୍ପଷ୍ଟ ବାକ୍ୟକୁ ମାନିବା ସତ୍ତ୍ୱେ ସେସବୁକୁ ନିଜ ସିଦ୍ଧାନ୍ତ ଅନୁସାରେ ବ୍ୟାଖ୍ୟା କଲେ । ଆଚାର୍ଯ୍ୟ ଶଙ୍କର ଯେଉଁ ସମୟରେ ଆସିଥିଲେ, ସେତେବେଳେ ବ୍ୟକ୍ତିର ପୂର୍ଣ୍ଣ ବିକାଶ ଅବସ୍ଥାରେ ମୁକ୍ତ ଅବସ୍ଥାର ଆବଶ୍ୟକ ଥିଲା । ସେ ନିଜ ଅନୁଭୂତିରେ ସେହି ଅବସ୍ଥା ଦେଖି ସେହି ଅନୁସାରେ ନିଜ ସିଦ୍ଧାନ୍ତକୁ ପ୍ରତିଷ୍ଠା କରିବା ସକାଶେ ଜଗତକୁ ମିଥ୍ୟା ମାୟା ବୋଲି ଘୋଷଣା କଲେ । ପ୍ରକୃତରେ ସେହି ଅବସ୍ଥାରେ ସଂସାର ମିଥ୍ୟା ମାୟା ପ୍ରତୀତ ହୁଏ । କିନ୍ତୁ ମନୁଷ୍ୟର ପୂର୍ଣ୍ଣତା ପ୍ରାପ୍ତିର ମଧ୍ୟବର୍ତ୍ତୀ ମୁକ୍ତ ଅବସ୍ଥାକୁ ମନୁଷ୍ୟର ଚରମ ଅବସ୍ଥା ବୋଲି ସିଦ୍ଧାନ୍ତ କରିବାରୁ ସେହି ସିଦ୍ଧାନ୍ତ ଅକାଟ୍ୟ ହୋଇ ପାରିଲା ନାହିଁ । ସୁତରାଂ ତାଙ୍କ ଅନୁଭୂତି ସତ୍ୟ ଥିବାରୁ ତାହା ଚିରଦିନ ସକାଶେ ମାନବିକ ପୂର୍ଣ୍ଣତାର ଅଙ୍ଗ ରୂପେ ଶାଶ୍ୱତ ସତ୍ୟ ହୋଇ ରହିବ ।

ପ୍ରଶ୍ନ : ଆଚାର୍ଯ୍ୟ ଶଙ୍କର ମନୁଷ୍ୟର ମଧ୍ୟବର୍ତ୍ତୀ ଅବସ୍ଥାକୁ ଚରମ ଅବସ୍ଥା କହିବା କ'ଣ ମିଥ୍ୟା ଥିଲା ?

ଉତ୍ତର : ମିଥ୍ୟା ନ ଥିଲା । ସେହି ସମୟରେ ମନୁଷ୍ୟର ତାହାହିଁ ଆବଶ୍ୟକ ଥିଲା ।

ପ୍ରଶ୍ନ : ସେ କ'ଣ ମନୁଷ୍ୟର ପୂର୍ଣ୍ଣ ଅବସ୍ଥା ସମ୍ବନ୍ଧେ ଅନଭିଜ୍ଞ ଥିଲେ ? ଯଦି ଅନଭିଜ୍ଞ ନ ଥିଲେ ତେବେ ସେତେବେଳେ ମନୁଷ୍ୟ ଜୀବନର ଲକ୍ଷ୍ୟ ଦିବ୍ୟ ଜୀବନ ତଥା ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ପୁରୁଷୋତ୍ତମ ବ୍ରହ୍ମଙ୍କୁ ପ୍ରକାଶ – ଏହି ଲକ୍ଷ୍ୟର ଘୋଷଣା କଲେ ନାହିଁ କାହିଁକି ?

ଉତ୍ତର : ଏହା ଅପ୍ରାସଙ୍ଗିକ ପ୍ରଶ୍ନ । ଆଚାର୍ଯ୍ୟ ଶଙ୍କର ଥିଲେ ଭଗବାନ୍ ଶିବଙ୍କର ବିଶେଷ ବିଭୂତି, ଅଂଶାବତାର । ମନୁଷ୍ୟର ବିକାଶ ମାର୍ଗରେ ସେ କେବଳ ନିର୍ବିଶେଷ, ନିଷ୍କ୍ରିୟ, ନିରାକାର ସତ୍ତାରେ ଏକ ହୋଇଯିବା – ଏହି ମୁକ୍ତ ଅବସ୍ଥା ଶିକ୍ଷା ଦେବାକୁ ଭଗବାନଙ୍କ ବିଧାନ ଅନୁସାରେ ଏହି ସଂସାରକୁ ଆସିଥିଲେ । ସମୟ ପୂର୍ବରୁ ସେ କାହିଁକି ମନୁଷ୍ୟ ଜୀବନ ବିକାଶର ସମସ୍ତ ଘଟଣା ଜାଣିବେ ଏବଂ ପ୍ରକାଶ କରିବେ ? ଏହା ଭଗବାନଙ୍କ ବିଧାନ ନୁହେଁ ।

ସଂସାରର ରହସ୍ୟ ହେଉଛି ଯେଉଁ ସମୟରେ ଯେତିକି ଆବଶ୍ୟକ, ସେତିକି ଜ୍ଞାନର ଶିକ୍ଷା ଦିଆହୁଏ । ଏପରି ଯଦି ନ କରାହୁଏ, ସମୟ ପୂର୍ବରୁ ଯଦି ସମସ୍ତ ଭବିଷ୍ୟତ୍ ପ୍ରକାଶ କରିଦିଆ ହୁଏ ତେବେ ବିକାଶର କୌଣସି ମୂଲ୍ୟ ରହେ ନାହିଁ । ଭଗବାନ୍ ଜ୍ଞାନ ସ୍ୱରୂପ ହୋଇ ଅଜ୍ଞାନ ସ୍ୱୀକାର କରି ଜଡ଼ରେ ନିମଜ୍ଜିତ ହେବାର ପ୍ରୟୋଜନ ସାର୍ଥକ ହୁଏ ନାହିଁ । ଭଗବାନ୍ ଅଜ୍ଞାନକୁ ସ୍ୱୀକାର କରି ଜଡ଼ ସଂସାରରେ ଆସିବାର ଅର୍ଥ ଅଜ୍ଞାନ ଅନ୍ଧକାର ମଧ୍ୟଦେଇ ଜ୍ଞାନ ଆଡ଼କୁ ଗତି କରିବା । ସେହି ସକାଶେ ଏହି ବିକାଶ ମାର୍ଗରେ ମନୁଷ୍ୟର ସମୟୋପଯୋଗୀ ଶିକ୍ଷା ଦେବା ସକାଶେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଅବତାର ତଥା ଆଚାର୍ଯ୍ୟମାନେ ଆସନ୍ତି । ଶ୍ରୀରାମଚନ୍ଦ୍ରଙ୍କ ଅବତାର ସମୟରେ ଯଦି ଶ୍ରୀରାମଙ୍କ ଜନ୍ମରୁ ବିଶ୍ୱାମିତ୍ର ଯଜ୍ଞ, ରାମ ବନବାସ, ସୀତା ହରଣ, ରାବଣ ବଧ, ସୀତାଙ୍କ ତ୍ୟାଗ ଖବରକାଗଜରେ ଛପା ହୋଇ ଥାଆନ୍ତା, ତେବେ ଭଗବାନ୍ ମନୁଷ୍ୟ ଅବତାର ନେଇ ଗାର୍ହସ୍ଥ୍ୟ ଧର୍ମର ଯେଉଁ ଆଦର୍ଶ ସ୍ଥାପନ କଲେ, ତାହା ହୋଇ ନ ଥା'ନ୍ତା । ମନୁଷ୍ୟ ସାମନାରେ ଥାଆନ୍ତା ଗୋଟାଏ ନାଟକ । ମନୁଷ୍ୟ ତାକୁ ଆଦର୍ଶ ରୂପେ କଦାପି ଗ୍ରହଣ କରି ନ ଥା'ନ୍ତା । ଠିକ୍ ସେହିପରି ସଂସାର ତଥା କ୍ରମବିକାଶ । ବିକାଶ ମାର୍ଗରେ ଯେଉଁ ସମୟରେ ମନୁଷ୍ୟକୁ ଯେଉଁ ଶିକ୍ଷା ଦିଆହୁଏ, ତାହା ଚରମ ସତ୍ୟ ରୂପେ ତା'ପାଖରେ ରଖା ହୁଏ, ସେ ମଧ୍ୟ ତାହାକୁ ଚରମ ସତ୍ୟ ରୂପେ ଗ୍ରହଣ କରେ ।

ଏହାର ଅନ୍ୟଗୋଟାଏ କାରଣ ହେଲା — ମନୁଷ୍ୟଜାତିର ବିକାଶରେ ସମସ୍ତ ମନୁଷ୍ୟ ଏକସଙ୍ଗେ ଅଗ୍ରସର ହୁଅନ୍ତି ନାହିଁ । ମନୁଷ୍ୟଜାତିର ବିକାଶ ପଶ୍ଚାତରେ ବିକାଶର ବହୁତ ଶ୍ରେଣୀ ଥାଏ । ବର୍ତ୍ତମାନ ମନ ବିକାଶର ଶେଷ ସୀମାରେ ପହଞ୍ଚିଅଛି । ଏହାହିଁ ମନୁଷ୍ୟଜାତିର ବର୍ତ୍ତମାନ ଚରମ ବିକାଶ । କିନ୍ତୁ ଏହି ମନ ସ୍ତରରେ ବହୁତ ବ୍ୟକ୍ତି ଅଛନ୍ତି, ସେମାନଙ୍କ ମନ ଏତେ ଅବିକଶିତ ଅବସ୍ଥାରେ ଅଛି ଯେ ସେମାନଙ୍କ ଶରୀର କେବଳ ମନୁଷ୍ୟର, ଚେତନା ପଶୁତୁଲ୍ୟ । ସେ କେବଳ ନିଜର, ପରିବାରର ଉଦର ପାଳନ ଛଡ଼ା କିଛି ଜାଣେ ନାହିଁ । ମନୁଷ୍ୟଜାତି ବିକାଶର ଶେଷରୁ ଆରମ୍ଭ ପର୍ଯ୍ୟନ୍ତ ମନୁଷ୍ୟ ଚେତନା ଶ୍ରେଣୀବଦ୍ଧ ଭାବେ ପାବଚ୍ଛରୂପେ ଲାଗିଥାଏ । ସେହି କାରଣରୁ ଆଚାର୍ଯ୍ୟମାନେ ବିକାଶ ଅନୁସାରେ ଯେଉଁ ଶିକ୍ଷା ଦିଅନ୍ତି ତାହା ସେହି ସମୟର ଚେତନା-ଶ୍ରେଣୀର ବ୍ୟକ୍ତିଙ୍କ ସକାଶେ ଚରମ ସତ୍ୟ ରୂପେ ଥାଏ । ମନୁଷ୍ୟ ବିକାଶ ମାର୍ଗରେ ଅଗ୍ରସର ହେଲେ ତା'ସକାଶେ ନୂତନ ଶିକ୍ଷାର ଆବଶ୍ୟକ ହୁଏ ଏବଂ ଅନ୍ୟ ଅଚାର୍ଯ୍ୟମାନେ ଆସି ନୂତନ ଶିକ୍ଷା ଦିଅନ୍ତି । କିନ୍ତୁ ସେହି ପୁରାତନ ଶିକ୍ଷା ଲୋପ ହୁଏ ନାହିଁ । କାରଣ ପଶ୍ଚାତ୍‌ବର୍ତ୍ତୀ ଚେତନା-ଶ୍ରେଣୀର ବ୍ୟକ୍ତି ସେହି ସମୟର ଚେତନାରେ ଉପନୀତ ହୁଅନ୍ତି । ଏହି ପ୍ରକାର କ୍ରମବିବର୍ତ୍ତନ ଶ୍ରେଣୀ ବରାବର ଚାଲିଥାଏ । ସେଥିପାଇଁ ସେସ୍ତରରେ ପହଞ୍ଚିବା ବ୍ୟକ୍ତି ସକାଶେ ତାହା ଜୀବନର ଚରମ ଲକ୍ଷ୍ୟ ପ୍ରତୀତ ହୁଏ, ସେ ତାହା ଗ୍ରହଣ କରେ । ପୁରାତନ ଯୋଗରେ ଯେତେ ସିଦ୍ଧାନ୍ତ ହୋଇଛି, ସେହି ସମୟର ଚେତନା-ସ୍ତରର ବ୍ୟକ୍ତିସବୁ ଏହି ସମୟରେ ରହିଅଛନ୍ତି, ସେହି କାରଣରୁ ପୁରାତନ ସମସ୍ତ ସିଦ୍ଧାନ୍ତ ବିଦ୍ୟମାନ । ସରଳ ଭାଷାରେ କହିଲେ ମନୁଷ୍ୟର ସ୍ୱଭାବ ଭିନ୍ନ ଭିନ୍ନ, ସେହି ସକାଶେ ବ୍ୟକ୍ତି ନିଜ ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ ସିଦ୍ଧାନ୍ତ ତଥା ସାଧନା ମାର୍ଗ ଗ୍ରହଣ କରେ । ସ୍ୱଭାବର ଯଥାର୍ଥ ଅର୍ଥ ତା'ର ନିଜ ଚେତନାର ବିକାଶ ଅନୁସାରେ ଶିକ୍ଷା । ଏପରିକି ଏହି ପୃଥିବୀରେ ଦିବ୍ୟମାନବଜାତି ସ୍ଥାପିତ ହେବା ପରେ ବି ଏହି ବିଭିନ୍ନ ସିଦ୍ଧାନ୍ତ ରହିପାରିବ ।

ପ୍ରଶ୍ନ : ଏହିସବୁ ଉକ୍ତିରୁ ପ୍ରତୀତ ହେଉଛି ମନୁଷ୍ୟର ଚେତନାସ୍ତର ବହୁତ । ସେହି ସକାଶେ ଅଧ୍ୟାତ୍ମ-ଶିକ୍ଷା ମଧ୍ୟ ବହୁତ । ବ୍ୟକ୍ତି ନିଜ ଚେତନାର ବିକାଶ ଅନୁସାରେ ତା'ର ଚେତନାର ଉପଯୋଗୀ ସିଦ୍ଧାନ୍ତ ଗ୍ରହଣ କରି ଚାଲିଥିବ । ଫେରେ ନୂତନ କୌଣସି ସିଦ୍ଧାନ୍ତ ପ୍ରତିଷ୍ଠା ହେଲେ ତା' ସକାଶେ ଏତେ ଲେଖାପଢ଼ି, ମଠ, ଆଶ୍ରମ, ପାଠଚକ୍ର ସ୍ଥାପନ, ସଭାରେ ଭାଷଣର ଆବଶ୍ୟକତା କ'ଣ ?

ଉତ୍ତର : ମନୁଷ୍ୟ ଜଡ଼ ମେସିନ୍ ନୁହେଁ ଯେ ସେ ବରାବର ଯାନ୍ତ୍ରିକ ନିୟମ ଅନୁସାରେ ଚାଲିଥିବ । ତା'ର ବୁଦ୍ଧି ବିବେକ ଅଛି, କର୍ମ କରିବାର ସ୍ୱତନ୍ତ୍ରତା ଅଛି । ସେ କର୍ମ କରି ଭାଗ୍ୟକୁ ପରିବର୍ତ୍ତନ କରିପାରେ, ଦେବତାଙ୍କଠାରୁ ଶ୍ରେଷ୍ଠ ଶାଶ୍ୱତ ପଦ ପ୍ରାପ୍ତ କରିପାରେ । ତା'ର କୋଟି କୋଟି ଜନ୍ମର ବିକାଶକୁ ଗୋଟିଏ ଜନ୍ମରେ ଆୟତ୍ତ କରିପାରେ । ମନୁଷ୍ୟର ବହୁକାଳ ବିକାଶକୁ ଅଳ୍ପ ସମୟ ମଧ୍ୟରେ ପ୍ରାପ୍ତ କରିବାରେ ସାହାଯ୍ୟ କରିବା ସକାଶେ ଆଚାର୍ଯ୍ୟମାନେ ଏହି

ପୃଥିବୀକୁ ଆସନ୍ତି । ମନୁଷ୍ୟକୁ ଶିକ୍ଷା ତଥା ସାହାଯ୍ୟ ଦେଇ ତା'ର ଦୁଃଖପୂର୍ଣ୍ଣ ବିପଦ୍‌ସଙ୍କୁଳ ଜନ୍ମ ମରଣ ମଧ୍ୟସ୍ଥ ବିକାଶର ଦୀର୍ଘ ସମୟକୁ ସଂକ୍ଷିପ୍ତ କରିଦିଅନ୍ତି । ସେହି ସକାଶେ ଆଚାର୍ଯ୍ୟମାନେ ସ୍ୱୟଂ ଆଦର୍ଶ ଆଚରଣ କରି, ଦର୍ଶନ ଶାସ୍ତ୍ର ଲେଖି ମନୁଷ୍ୟର ପଥପ୍ରଦର୍ଶକ ହୁଅନ୍ତି । ମଠ, ମନ୍ଦିର, ଆଶ୍ରମ ସ୍ଥାପନ କରନ୍ତି, ନିଜ ସିଦ୍ଧାନ୍ତକୁ ପ୍ରଚାର କରି ଅଜ୍ଞାନ ମୋହଗ୍ରସ୍ତ ପ୍ରାଣୀଙ୍କୁ ସଚେତ କରନ୍ତି । ତାଙ୍କରି ଆଦର୍ଶକୁ ତାଙ୍କରି ଅନୁଗାମୀମାନେ ସରଳ ଭାଷାରେ ବ୍ୟକ୍ତ କରନ୍ତି । ଜନକଲ୍ୟାଣାର୍ଥେ ଏହି ପ୍ରଚାରକୁ କେତେକ ଲୋକ ନିନ୍ଦା କରନ୍ତି । ସମାଲୋଚନା କରନ୍ତି । କିନ୍ତୁ ଆଚାର୍ଯ୍ୟମାନଙ୍କ ନୂତନ ଆଦର୍ଶର ପ୍ରଚାର, ବ୍ୟକ୍ତିଙ୍କ ସମାଲୋଚନା, ଏହି ଉଭୟ ବରାବର ଚାଲିଥାଏ । ଭଗବାନ୍ ରାମ, ଜଗଜ୍ଜନନୀ ସୀତାଙ୍କୁ ସମାଲୋଚନା କରିବାରେ ଲୋକେ ବାଦ୍ ଦେଇ ନାହାନ୍ତି । ଆଚାର୍ଯ୍ୟମାନଙ୍କୁ ସମାଲୋଚନା ନ କରି ଛାଡ଼ିବେ କାହିଁକି ? ଆଚାର୍ଯ୍ୟମାନେ ମହାପୁରୁଷ । ସେମାନଙ୍କର ସ୍ୱାର୍ଥ ନ ଥାଏ । ମନୁଷ୍ୟର ବିକାଶୋପଯୋଗୀ ଶିକ୍ଷା ଦେଇ ନୂତନ ସିଦ୍ଧାନ୍ତ ସ୍ଥାପନ କରିବାରେ ପୁରାତନ ସିଦ୍ଧାନ୍ତକୁ ଖଣ୍ଡନ କରିବାକୁ ହୁଏ ।

## ଆଚାର୍ଯ୍ୟ ରାମାନୁଜଙ୍କ ସିଦ୍ଧାନ୍ତ

ଆଚାର୍ଯ୍ୟ ଶଙ୍କରଙ୍କ ଶିକ୍ଷା ପ୍ରଚଳିତ ଥିବା ସତ୍ତ୍ୱେ ବହୁତ କାଳ ବ୍ୟତୀତ ହୋଇଯିବାରୁ ମନୁଷ୍ୟ ଚେତନା ଅଗ୍ରସର ହୋଇଗଲା । ନୂତନ ଶିକ୍ଷା ଦେବା ସକାଶେ ଭଗବାନଙ୍କ ବିଧାନ ଅନୁସାରେ ଶେଷ ଆଚାର୍ଯ୍ୟ ରାମାନୁଜ ରୂପେ ଅବତାର ନେଲେ । ସେ ସାଧନା କରି ଉପଲବ୍ଧି କଲେ ଷଡ଼ୈଶ୍ୱର୍ଯ୍ୟଯୁକ୍ତ ସୃଷ୍ଟିକର୍ତ୍ତା ଓ ଧର୍ତ୍ତା ଭଗବାନଙ୍କୁ । ଆଚାର୍ଯ୍ୟ ଶଙ୍କର ପରାତ୍ପର ବ୍ରହ୍ମଙ୍କୁ ଉପଲବ୍ଧି କରିଥିଲେ । ସଂସାରରୁ ପୃଥକ୍ ନିଷ୍କ୍ରିୟ, ନିରାକାର, ନିର୍ବିଶେଷ ସତ୍ତା ରୂପେ । ଏହି ଦୁଇ ଆଚାର୍ଯ୍ୟ ଏକହିଁ ବ୍ରହ୍ମର ଦୁଇ ଭିନ୍ନ ଭିନ୍ନ ଅବସ୍ଥା ଉପଲବ୍ଧି କରିବାରୁ ଦୁହିଙ୍କ ସିଦ୍ଧାନ୍ତ ପରସ୍ପର ବିରୋଧୀ ପ୍ରତୀତ ହେଲା । ଗୋଟିଏ ସିଦ୍ଧାନ୍ତ ପ୍ରତିପାଦନ କଲେ ଅନ୍ୟଟି ସ୍ୱଭାବତଃ ଖଣ୍ଡନ ହେଲା ।

ଆଚାର୍ଯ୍ୟ ଶଙ୍କରଙ୍କ ବ୍ରହ୍ମ ନିରାକାର । ଆଚାର୍ଯ୍ୟ ରାମାନୁଜଙ୍କ ବ୍ରହ୍ମ ସାକାର । ତାଙ୍କର ଜଗତ୍, ନାମ ରୂପ ସବୁ ମିଥ୍ୟା ମାୟା । ରାମାନୁଜଙ୍କର ଜଗତ୍ ଭଗବାନଙ୍କ ସ୍ୱରୂପ, ସତ୍ୟ । ବିଭିନ୍ନ ନାମ, ରୂପ, ଜୀବ ଭଗବାନଙ୍କ ଅଂଶ । ଭଗବାନ୍ ଯେପରି ଶାଶ୍ୱତ ସତ୍ୟ, ଜୀବ ମଧ୍ୟ ଶାଶ୍ୱତ ସତ୍ୟ । ସଂସାରରେ ଯେତେ ଅଧ୍ୟାତ୍ମ-ସାଧନା ଏବଂ ସିଦ୍ଧାନ୍ତ, ସମସ୍ତ ଏହି ଦୁଇ ସିଦ୍ଧାନ୍ତର ଅଙ୍ଗ ବିସ୍ତାର ରୂପେ ଅନ୍ତର୍ଭୁକ୍ତ । ଏହି ସିଦ୍ଧାନ୍ତ ଦାର୍ଶନିକ ଦୃଷ୍ଟିରେ ପରସ୍ପର ବିରୋଧୀ ହେଲେ ମଧ୍ୟ ଅନୁଭୂତିରେ ସତ୍ୟ । ଏହି ବିରୋଧର ସାମଞ୍ଜସ୍ୟ ହୁଏ ପୁରୁଷୋତ୍ତମଙ୍କ ସାକାର ନିରାକାର ଉଭୟ ସ୍ୱରୂପକୁ ଏକସଙ୍ଗେ ଉପଲବ୍ଧି କଲେ ।

ଆଚାର୍ଯ୍ୟ ରାମାନୁଜ ନିଜ ଦ୍ୱୈତ ସିଦ୍ଧାନ୍ତ ପ୍ରତିଷ୍ଠା କରିବାରେ ଅଦ୍ୱୈତ ସିଦ୍ଧାନ୍ତ ଖଣ୍ଡନ ହେଲା । କିନ୍ତୁ ଅଦ୍ୱୈତ ସିଦ୍ଧାନ୍ତର ଉପଲବ୍ଧି ସତ୍ୟ ଥିବାରୁ ତାହା ଲୋପ ହେଲା ନାହିଁ । ବର୍ତ୍ତମାନ ଅଛି, ଭବିଷ୍ୟତରେ ବି ରହିବ ।

କ୍ରମବିକାଶ ମାର୍ଗରେ ଜୀବ ପଶୁଠାରୁ ମନୁଷ୍ୟରେ ଉପନୀତ ହୋଇଥିଲା । କିନ୍ତୁ ତା'ର ପଶୁ ସ୍ୱଭାବ ବିଦ୍ୟମାନ ଥିବାରୁ ମାୟା, ମିଥ୍ୟା ସିଦ୍ଧାନ୍ତରେ କର୍ମ-ଜୀବନ ତଥା ସଂସାର ତ୍ୟାଗର ଆବଶ୍ୟକତା ଥିଲା । ଏହାର ଆବଶ୍ୟକତା ଥିଲା ଆଚାର୍ଯ୍ୟ ରାମାନୁଜଙ୍କ ଆସିବା ପୂର୍ବ ପର୍ଯ୍ୟନ୍ତ । ରାମାନୁଜ ଆସିବା ସମୟରେ ବିକାଶ-ଧାରା ପରିବର୍ତ୍ତିତ ହେବାକୁ ଆରମ୍ଭ କଲା । ଭଗବାନ୍ ମନୁଷ୍ୟର ମନରେ, ପ୍ରାଣରେ, ଶରୀରରେ, କର୍ମରେ, ସଂସାରରେ ପ୍ରକଟ ହେବା ସକାଶେ ଏକରୁ ବହୁ ହୋଇ ଥିଲେ । ମନୁଷ୍ୟର ଏହାହିଁ ଲକ୍ଷ୍ୟ । ସେହି ସକାଶେ ସେ ଅଜ୍ଞାତରେ ଚାହେଁ ପରମାନନ୍ଦ, ଶରୀରର ଅମରତ୍ୱ, ରୋଗ ଜରା ମୁକ୍ତ ସୁନ୍ଦର ଦିବ୍ୟ ଶରୀର । ସେ ସଂସାର ଛାଡ଼ିବାକୁ ଚାହେଁ ନାହିଁ । ସଂସାରର ସମସ୍ତ ପ୍ରାଣୀଙ୍କ ସହିତ ମୈତ୍ରୀ ଭାବରେ ଶାନ୍ତି ଚାହେଁ । ମନୁଷ୍ୟ ମୋହ, ମାୟା, ଅଜ୍ଞାନ, ଆସକ୍ତି ଆବଦ୍ଧରୁ ମୁକ୍ତ ହେଲେ ସେ ତା'ର ଚିର ଅଭିଳଷିତ ଲକ୍ଷ୍ୟ ଦିବ୍ୟ ଜୀବନ, ଦିବ୍ୟ କର୍ମ ପ୍ରାପ୍ତ କରିପାରେ ।

ଆଚାର୍ଯ୍ୟ ଶଙ୍କରଙ୍କ ଶିକ୍ଷା ଦ୍ୱାରା ମନୁଷ୍ୟର ବିଶ୍ୱ ଚେତନା ସ୍ତରରେ ମୁକ୍ତ ଚେତନା ପ୍ରତିଷ୍ଠିତ ହୋଇ ଯିବାରୁ

ସାଂସାରିକ, ପ୍ରାଣିକ ଆସକ୍ତି – ପିତା, ମାତା, ଭାଇ, ବନ୍ଧୁ, ସ୍ତ୍ରୀ, ପୁତ୍ର ଏବଂ ଶରୀର ଆସକ୍ତିକୁ ଭାଗବତ ଭାବରେ ଦିବ୍ୟ ପ୍ରେମରେ ପରିବର୍ତ୍ତନ କରିବା, ସଂସାର ସ୍ୱର୍ଗରେ ପରିଣତ କରିବା ସମ୍ଭବପର ହେଲା । ସେହି ସକାଶେ ଆଚାର୍ଯ୍ୟ ରାମାନୁଜ ଏହି ଭାବରେ ପ୍ରାରମ୍ଭିକ ଶିକ୍ଷା ଦେଲେ ଯାହାର ବିକାଶରେ ମନୁଷ୍ୟର ଶାଶ୍ୱତ ଲକ୍ଷ୍ୟ ଦିବ୍ୟ ଜୀବନରେ ସେ ଉପନୀତ ହୋଇପାରେ ।

ରାମାନୁଜଙ୍କ ସିଦ୍ଧାନ୍ତରେ ଏହି ଜାଗତିକ ଜୀବ ଭଗବାନ୍ ପୁରୁଷୋତ୍ତମଙ୍କ ଅଂଶ । ଏହି ସଂସାର ଭଗବାନଙ୍କ ଦିବ୍ୟଧାମ ଗୋଲୋକ, ବୈକୁଣ୍ଠ, ସାକେତ, କୈଳାସର ସ୍ୱରୂପ ବା ପ୍ରତିନିଧି । ଅର୍ଥାତ୍ ଜୀବ ଏବଂ ସଂସାର ଶାଶ୍ୱତ ସତ୍ୟ, ମିଥ୍ୟା, ମାୟା ନୁହେଁ । ଏହି ସଂସାରରେ ରହି ଭଗବାନଙ୍କ ସହିତ ପିତା, ପୁତ୍ର, ସଖା, ସ୍ୱାମୀ ସମ୍ବନ୍ଧ ସ୍ଥାପନ କଲେ ମନୁଷ୍ୟ ଏହି ପଞ୍ଚଭୌତିକ ଶରୀର ତ୍ୟାଗ କରି ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ଭଗବାନଙ୍କ ଦିବ୍ୟ ଧାମରେ ରୋଗ-ଜରା-ମୃତ୍ୟୁ ଅଧୀନରୁ ମୁକ୍ତ ଅପରିବର୍ତ୍ତନୀୟ ଏକରସ ଦିବ୍ୟ ଚିନ୍ମୟ ଶରୀରରେ ସୌନ୍ଦର୍ଯ୍ୟ, ଲାବଣ୍ୟ, ଜ୍ଞାନ, ଆନନ୍ଦାଦି ସମସ୍ତ ଦିବ୍ୟଗୁଣ ଭୂଷିତ ଷଡ଼ ଐଶ୍ୱର୍ଯ୍ୟଯୁକ୍ତ ସର୍ବଶକ୍ତିମାନ୍ ଭଗବାନଙ୍କ ସେବାରେ ଦାସ୍ୟ, ସଖ୍ୟ, ପୁତ୍ର, ପିତା, ସଖା, ସେବିକା ରୂପେ ପ୍ରାପ୍ତ ହେବେ । ସେଠାରେ ଏହି ଜାଗତିକ ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ସ୍ୱାର୍ଥ, ଅଜ୍ଞାନ ଅନ୍ଧକାର ନ ଥାଏ । ସେଠାରେ ପ୍ରତ୍ୟେକ ପ୍ରାଣୀ ଜ୍ଞାନ, ଆନନ୍ଦ, ସୌନ୍ଦର୍ଯ୍ୟ, ଲାବଣ୍ୟାଦି ଦିବ୍ୟଗୁଣଯୁକ୍ତ ଏବଂ ଭଗବାନଙ୍କ ସଦୃଶ ।

ଆଚାର୍ଯ୍ୟ ରାମାନୁଜଙ୍କ ସିଦ୍ଧାନ୍ତ ଓ ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ ମଧ୍ୟରେ ଏତିକି ମାତ୍ର ପାର୍ଥକ୍ୟ ହେଉଛି, ତାଙ୍କ ସିଦ୍ଧାନ୍ତରେ ଶରୀର ତ୍ୟାଗ ପରେ ସାକେତ, ଗୋଲୋକ, ବୈକୁଣ୍ଠରେ କୈଳାସରେ ମୁକ୍ତ ଜୀବଙ୍କୁ ଭଗବତ ସେବାରେ ଯେଉଁ ଅବସ୍ଥା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଏହି ରୂପାନ୍ତରିତ ଶରୀରରେ ସେହି ଅବସ୍ଥା ମିଳେ । ପ୍ରତ୍ୟେକ ପୁରାତନ ଯୋଗର ସିଦ୍ଧାନ୍ତ ମନୁଷ୍ୟର ବିକାଶର ସେହି ଏକହିଁ ଲକ୍ଷ୍ୟକୁ ଅସ୍ପଷ୍ଟ ଭାବେ ସାହାଯ୍ୟ କରି ଆସୁଅଛି, କିନ୍ତୁ ଗଭୀର ଚିନ୍ତା ନ କରି କେବଳ ବାହ୍ୟ ରୂପକୁ ଦେଖିଲେ ବିରୋଧର ଭ୍ରମ ହୋଇପାରେ । କିନ୍ତୁ ରାମାନୁଜଙ୍କ ସିଦ୍ଧାନ୍ତରେ ଏପରି ନାହିଁ । ସେ ମନୁଷ୍ୟର ପରମ ଲକ୍ଷ୍ୟର ବିଶେଷ ନିକଟରେ ପହଞ୍ଚି ଥିବାରୁ ବିରୋଧିତା ପରିବର୍ତ୍ତେ ସାମଞ୍ଜସ୍ୟ ସ୍ପଷ୍ଟଭାବେ ପରିଲକ୍ଷିତ ହେଉଅଛି ।

ପୂର୍ବ ସିଦ୍ଧାନ୍ତ ସଦୃଶ ଆଚାର୍ଯ୍ୟ ରାମାନୁଜଙ୍କ ସିଦ୍ଧାନ୍ତରେ ଜୀବ ନିର୍ବାଣ ବା ନିର୍ବିଶେଷ ସତ୍ତାରେ ଏକ ହୋଇଯିବା, କୈବଲ୍ୟ ମୁକ୍ତି ପ୍ରାପ୍ତ ହେବା ଲକ୍ଷ୍ୟ ନୁହେଁ । ସଂସାରରେ ମନୁଷ୍ୟର ପିତା, ପୁତ୍ର, ସେବକ, ସଖା, ସ୍ୱାମୀ ଇତ୍ୟାଦି ଯେଉଁସବୁ ସାଂସାରିକ ସମ୍ବନ୍ଧ ଅଛି, ସେସବୁକୁ ମନୁଷ୍ୟ ପରିବର୍ତ୍ତେ ଭଗବାନଙ୍କ ସହିତ ସ୍ଥାପନ କରିବା ଅର୍ଥାତ୍ ଭଗବାନଙ୍କୁ ପିତା, ପୁତ୍ର, ସ୍ୱାମୀ, ସଖାରୂପେ ଉପାସନା କରି ସେହି ଉପାସନା ଭାବ ଅନୁସାରେ ବ୍ୟକ୍ତି ଏହି ପଞ୍ଚଭୌତିକ ନଶ୍ୱର ଶରୀର ତ୍ୟାଗ କରି ଦିବ୍ୟ ଧାମରେ ଭଗବତ ପ୍ରାପ୍ତି ହେବା ।

## ଦ୍ୱୈତ ସିଦ୍ଧାନ୍ତର ସାଧନା ପଦ୍ଧତି

ବୈଷ୍ଣବମାନଙ୍କ ଚାରି ସଂପ୍ରଦାୟ ମଧ୍ୟରେ ସୈଦ୍ଧାନ୍ତିକ ମତଭେଦ ସାମାନ୍ୟ ଥିଲେ ମଧ୍ୟ ଭଗବାନ୍ ଉପାସ୍ୟ, ଜୀବ ଉପାସକ, ଏହି ଦ୍ୱୈତବାଦ ସିଦ୍ଧାନ୍ତରେ ସବୁ ଏକମତ । ସେମାନଙ୍କ ସାଧନା ପ୍ରଣାଳୀ ବହୁ ପ୍ରକାର ଥିବା ସତ୍ତ୍ୱେ ଉପାସନା ପଦ୍ଧତିରେ ସମସ୍ତେ ଏକ । ଦ୍ୱୈତ ସାଧକମାନେ ଭଗବାନ୍ ସ୍ୱାମୀ, ନିଜକୁ ସେବକ, ଭଗବାନ୍ ସଖା, ନିଜକୁ ତାଙ୍କ ସଖା, ଭଗବାନ୍ ପିତା, ନିଜକୁ ପୁତ୍ର, ଭଗବାନ୍ ପୁତ୍ର, ନିଜକୁ ପିତା, ଭଗବାନ୍ ସ୍ୱାମୀ, ନିଜକୁ ସେବିକା ରୂପେ ଉପାସନା କରନ୍ତି । ଉପାସନା ପୂର୍ବରୁ ନିଜର ସ୍ୱରୂପ ଅର୍ଥାତ୍ ନିଜର ଶରୀର କଳ୍ପନା କରନ୍ତି । ଘରେ ଭଗବାନଙ୍କ ସ୍ୱରୂପ ଚିନ୍ତନ କରି ଧ୍ୟାନ ଅବସ୍ଥାରେ ଭିନ୍ନ ଭିନ୍ନ ରୂପେ ମାନସିକ ସେବା କରନ୍ତି ଅଥବା କୌଣସି କେନ୍ଦ୍ରରେ ଧ୍ୟାନ କରନ୍ତି । ସେମାନେ ନିଜ ଶରୀରକୁ କଳ୍ପନା କରନ୍ତି ଭଗବାନଙ୍କ ଶରୀର ସଦୃଶ ରୋଗ, ଜରା, ମୃତ୍ୟୁ, ହିଂସା ଦ୍ୱେଷ, ସ୍ୱାର୍ଥାଦି

ଅଜ୍ଞାନରୁ ମୁକ୍ତ ଦିବ୍ୟ ଚିନ୍ମୟ ଶରୀର ରୂପେ । ଭଗବାନଙ୍କ ଶରୀର ଆଉ ସେମାନଙ୍କ ଶରୀରରେ ଏତିକି ମାତ୍ର ପ୍ରଭେଦ ଥାଏ ଯେ ଭଗବାନଙ୍କ ଚରଣରେ ଓ ହସ୍ତରେ ଥିବା ଅଙ୍କୁଶ, କୁଳିଶାଦି ଚବିଶ କିଂବା ଅଠଚାଳିଶ ଚିହ୍ନ ସେମାନଙ୍କ ନ ଥାଏ । ଭଗବାନଙ୍କର ଯାହା ସଂକଳ୍ପ ହୁଏ ତାହାହିଁ ସେମାନଙ୍କ ଦ୍ୱାରା କ୍ରିୟାରେ ପରିଣତ ହୁଏ । ସେମାନଙ୍କ ସଙ୍କଳ୍ପ ଭଗବାନଙ୍କ ସଙ୍କଳ୍ପର ବିରୁଦ୍ଧ ହୁଏ ନାହିଁ । ଏହା ଛଡ଼ା ସେମାନଙ୍କ ଶରୀର ଓ ଭଗବାନଙ୍କ ଶରୀରରେ କୌଣସି ପ୍ରଭେଦ ନ ଥାଏ । ସେମାନଙ୍କ ମନ, ପ୍ରାଣ, ଶରୀର ଦିବ୍ୟ ଥିବାରୁ ସେମାନେ ଭଗବାନଙ୍କ ସମସ୍ତ ତତ୍ତ୍ୱ ସଙ୍ଗେ ଏକ ହୋଇଥାଆନ୍ତି । ଭଗବାନଙ୍କ ସଙ୍ଗେ ପୂର୍ଣ୍ଣତଃ ଅଖଣ୍ଡ ଏକ ହେବା ସତ୍ତ୍ୱେ ସେମାନେ ଭଗବାନଙ୍କଠାରୁ ପୃଥକ୍ ଏବଂ ଭଗବାନଙ୍କ ଯନ୍ତ୍ର । ଏକହିଁ ସମୟରେ ଅଦ୍ୱୈତ ତଥା ଦ୍ୱୈତ ଭାବ ସାଧକମାନେ ମାନସ ଚେତନାର ଊର୍ଦ୍ଧ୍ୱ ଚେତନାରେ ଅନୁଭବ କରନ୍ତି । ଶରୀର ତ୍ୟାଗ କରିବା ପରେ ସେମାନେ ନିଜ ନିଜ ଉପାସନା ଅନୁସାରେ ଭଗବାନଙ୍କ ସେବା ପ୍ରାପ୍ତ ହୁଅନ୍ତି । ଦ୍ୱୈତବାଦର ଦିବ୍ୟଧାମର ମୁକ୍ତ ଅବସ୍ଥା ଏବଂ ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତରିତ ଶରୀର ଏକ । ମନୁଷ୍ୟ ନିଜ ଲକ୍ଷ୍ୟରେ ପହଞ୍ଚିବାର ସମୟ ଆସି ନ ଥିବାରୁ ସେହି ସମୟୋଚିତ ଶିକ୍ଷା ଦେବାକୁ ଆଚାର୍ଯ୍ୟ ରାମାନୁଜ ଅସିଥିଲେ । କିନ୍ତୁ ତାଙ୍କ ସିଦ୍ଧାନ୍ତ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ସିଦ୍ଧାନ୍ତର ବହୁତ ନିକଟତମ ଥିଲା ।

## ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ସିଦ୍ଧାନ୍ତ

ମନୁଷ୍ୟର ବିକାଶ-ମାର୍ଗରେ ଆଚାର୍ଯ୍ୟମାନେ ଆସି ତାକୁ ନିର୍ବାଣ, ମୁକ୍ତି, ଭକ୍ତିର ଶିକ୍ଷା ପୃଥକ୍ ପୃଥକ୍ ସମୟରେ ଦେଇଥିଲେ । ବର୍ତ୍ତମାନ ଏହିସବୁ ସିଦ୍ଧି ଏକ ସଙ୍ଗେ ପ୍ରାପ୍ତ ହେବାର ସମୟ ଆସିଛି । ତା'ର ମନ, ପ୍ରାଣ ଶରୀର ରୂପାନ୍ତରିତ ହେବ, ସେ ରୋଗ, ଜରା, ମୃତ୍ୟୁ ଅଧୀନରୁ ମୁକ୍ତ ହୋଇ ଦିବ୍ୟ ଚିନ୍ମୟ ଶରୀର ପ୍ରାପ୍ତ କରିବ; ସେ ଏକହିଁ ସଙ୍ଗେ ନିର୍ଗୁଣ, ସଗୁଣ ଉଭୟର ଧର୍ତ୍ତା ସଚ୍ଚିଦାନନ୍ଦ ତତ୍ତ୍ୱକୁ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ପ୍ରକାଶ କରିବ ଏବଂ ଭକ୍ତି ଜ୍ଞାନକୁ ଏକହିଁ ସଙ୍ଗେ ଉପଲବ୍ଧ କରିବ । ଏହାର ପରିଣାମରେ ସଂସାରରୁ ଦୁଃଖ-ଦ୍ୱନ୍ଦ୍ୱ, ବୈର, ବିରୋଧ, ହିଂସା, ଦ୍ୱେଷ ଦୂର ହେବ । ଏହି ସଂସାର ସ୍ୱର୍ଗରେ ପରିଣତ ହେବ । ପୌରାଣିକ ଭାଷାରେ କଳି ପରେ ସତ୍ୟଯୁଗ ଆସିବ । ଏହା ହେବ ଅତିମାନସ ଶକ୍ତି ଦ୍ୱାରା । ପୂର୍ବେ ଭିନ୍ନ ଭିନ୍ନ ସମୟରେ ମନୁଷ୍ୟଜାତିର ବିକାଶ-ମାର୍ଗରେ ସାହାଯ୍ୟ କରିବା । ସକାଶେ ଆଚାର୍ଯ୍ୟମାନେ ଯେପରି ଏହି ପୃଥିବୀକୁ ଆସିଥିଲେ, ଠିକ୍ ସେହିପରି ଏହି କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ସଂକଳ୍ପ ଅନୁସାରେ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀ ଉପରେ ଅବତରଣ କରାଇ ରୂପାନ୍ତର କାର୍ଯ୍ୟ କରାଉ ଅଛନ୍ତି । କେତେକ ବ୍ୟକ୍ତିଙ୍କର ମନ, ପ୍ରାଣ ସହିତ ସ୍ଥୂଳ ଶରୀର ରୂପାନ୍ତରିତ ହେବାକୁ ଆରମ୍ଭ କଲେ ପ୍ରଥମରେ ବ୍ୟକ୍ତି ରୋଗରୁ ମୁକ୍ତ ହେବ ଏବଂ ନିୟମିତ ସମୟରେ ଜରା ଦେଖାଦେବ ନାହିଁ । ଶରୀରର ପୂର୍ଣ୍ଣ ରୂପାନ୍ତର ହେଲେ ସେ ପୂର୍ଣ୍ଣତଃ ଜରା ତଥା ମୃତ୍ୟୁ ଅଧୀନରୁ ମୁକ୍ତ ହେବ । ଭକ୍ତିଯୋଗ ଦ୍ୱାରା ପରାଭକ୍ତି ପ୍ରାପ୍ତିରେ ବ୍ୟକ୍ତି ଯେଉଁ ପରମାନନ୍ଦ ଉଚ୍ଚତର ସ୍ତରରେ ଉପଲବ୍ଧ କରୁଥିଲା, ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ଆତ୍ମା ପରମାତ୍ମା ସହିତ ଲୀନ ହେବାରେ ଯେଉଁ ଅନିର୍ବଚନୀୟ ଆନନ୍ଦ ସତ୍ୟସତ୍ତା ଉପଲବ୍ଧ କରୁଥିଲା, ଏହି ଉଭୟ ଅଭିବ୍ୟକ୍ତି ରୂପାନ୍ତରିତ ଶରୀର, ରୂପାନ୍ତରିତ ପ୍ରାଣ, ରୂପାନ୍ତରିତ ମନରେ ଉପଲବ୍ଧ ହେବ । ଅର୍ଥାତ୍ ଶରୀର ସ୍ୱୟଂ ସଚେତ ହୋଇ ଭଗବାନଙ୍କ ସାକାର ରୂପ, ନିରାକାର ରୂପ, ଜ୍ଞାନ ଭକ୍ତି, ଏକହିଁ ସଙ୍ଗେ ଉପଲବ୍ଧି କରି ପାରିବ । ଯେଉଁ ସଚ୍ଚିଦାନନ୍ଦ ବ୍ରହ୍ମଜ୍ଞାନ-ସ୍ୱରୂପ, ପରମାନନ୍ଦ ସ୍ୱରୂପ, ଶକ୍ତି ସ୍ୱରୂପ; ସେ ଏହି ସ୍ଥୂଳ ଶରୀରରେ ପ୍ରକାଶିତ ହେବେ । ଏହାହିଁ ମନୁଷ୍ୟର ଲକ୍ଷ୍ୟ, ଏଥି ସକାଶେ ଭଗବାନ୍ ବହୁରୂପେ ପ୍ରକଟ ହୋଇ ଅଛନ୍ତି ନିଜକୁ ପ୍ରକାଶ କରିବା ସକାଶେ । ମନୁଷ୍ୟର ସ୍ଥୂଳ ଶରୀରରେ ଭଗବାନଙ୍କର ପୂର୍ଣ୍ଣ ପ୍ରକାଶ ହେଲେ ସଂସାରରୁ ପୂର୍ଣ୍ଣତଃ ଅନ୍ୟାୟ, ଅତ୍ୟାଚାର ଦୂର ହୋଇଯିବ । ପୂର୍ବେ ଯୋଗସିଦ୍ଧି ଦ୍ୱାରା ବ୍ୟକ୍ତିଗତ ରୂପେ ବହୁତ କମ୍ ଯୋଗୀ ଶରୀର ଉପରେ କେତେକ ପରିମାଣରେ ଅଧିକାର ପ୍ରାପ୍ତ କରିଥିଲେ । ରୋଗରୁ କେତେକ ପରିମାଣରେ ମୁକ୍ତ ଥିଲେ, ମୃତ୍ୟୁର ନିୟମିତ ସମୟ ଅତିକ୍ରମ କରି ଆୟୁ ବୃଦ୍ଧି କରିଥିଲେ । ସଂକଳ୍ପ

ମାତ୍ରେ ଅନ୍ୟ ସ୍ଥାନରେ ପହଞ୍ଚି ପାରୁଥିଲେ । କିନ୍ତୁ ସେମାନଙ୍କ ସ୍ଥୂଳ ଶରୀର ରୂପାନ୍ତର ହୋଇ ନ ଥିଲା । କେବଳ ଅରୂପାନ୍ତରିତ ପଞ୍ଚତତ୍ତ୍ୱ ଉପରେ ସେମାନଙ୍କର ଅଧିକାର ପ୍ରାପ୍ତ ଥିଲା । ସେମାନଙ୍କ ସଂକଳ୍ପ ଦ୍ୱାରା ତତ୍ତ୍ୱସବୁ ପୃଥକ୍ ଏବଂ ଏକତ୍ର ହୋଇପାରୁ ଥିଲା । ସେମାନଙ୍କ ସ୍ଥୂଳ ଶରୀରରେ ଭଗବାନଙ୍କର ପ୍ରକାଶ ହୋଇ ନ ଥିଲା । କାରଣ ମନ-ପ୍ରାଣ-ଶରୀର-ତତ୍ତ୍ୱ ବିଶ୍ୱ-ମନ, ବିଶ୍ୱ-ପ୍ରାଣ, ବିଶ୍ୱ ଜଡ଼-ତତ୍ତ୍ୱ ସଙ୍ଗେ ଏକ । ଏକ ବ୍ୟକ୍ତିର ଜଡ଼-ଶରୀର-ତତ୍ତ୍ୱ ରୂପାନ୍ତରିତ ହେଲେ ବିଶ୍ୱ-ଜଡ଼-ତତ୍ତ୍ୱରେ ରୂପାନ୍ତରିତ ହେବ । ଅନ୍ୟ ଯେ କେହି ବ୍ୟକ୍ତି ଚାହିଁବ ଅନାୟାସରେ ନିଜକୁ ରୂପାନ୍ତରିତ କରିପାରିବ । ଜଣଙ୍କର ରୂପାନ୍ତର ହୋଇ ସେହି କାର୍ଯ୍ୟ ବନ୍ଦ ହୋଇଯିବ ନାହିଁ । ପୁରାତନ ଯୋଗୀମାନଙ୍କର ଶରୀର ରୂପାନ୍ତରିତ ହୋଇଥିଲେ ବିଶ୍ୱରୁ ଅନ୍ୟାୟ, ଅତ୍ୟାଚାର, ହିଂସା, ଦ୍ୱେଷ ଦୂର ହୋଇ ଥାଆନ୍ତା । କାରଣ ବିଶ୍ୱର ଜଡ଼-ତତ୍ତ୍ୱ ହେଉଛି ନିଶ୍ଚେତନ । ସେହି ନିଶ୍ଚେତନା ସମସ୍ତ ଅଜ୍ଞାନ, ଅନ୍ଧକାରର ଉଦ୍‌ଗମ ସ୍ଥାନ । ଜଡ଼ ଚେତନାର ରୂପାନ୍ତରର ଅର୍ଥ ଅଜ୍ଞାନ-ଅନ୍ଧକାରର ରୂପାନ୍ତର । ତାହା ରୂପାନ୍ତରିତ ହୋଇଥିଲେ ଆଜି ସଂସାରରେ ଗୋଟିଏ ନୂତନ ରୂପାନ୍ତରିତ ମନୁଷ୍ୟଜାତି ଆମ୍ଭେମାନେ ଦେଖୁଥାଆନ୍ତୁ । କିନ୍ତୁ ତାହା ହୋଇ ନାହିଁ । ସଂସାରରେ ଯେତେ ଜନସଂଖ୍ୟା ତା' ମଧ୍ୟରୁ ଦୁଇ, ଚାରି ଜଣ ବ୍ୟକ୍ତି ଯୋଗ ଦ୍ୱାରା ରୋଗ, ଜରାରୁ ମୁକ୍ତ ହୋଇ ପରମାୟୁ ବଢ଼ାଇ ନେଲେ ତାହାଦ୍ୱାରା ସଂସାରର ଚେତନା-ସ୍ତରରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ତାହା ବ୍ୟକ୍ତିଗତ ସିଦ୍ଧି । ଏପରି ଯୋଗୀଙ୍କ ନାମ ପୁସ୍ତକରେ ପଢ଼ିବା, ଲୋକମୁଖରୁ ଶୁଣିବା ଛଡ଼ା ବହୁତ କମ୍ ଲୋକ ଦେଖିଥିବେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ଯେଉଁ ରୂପାନ୍ତର ହେବ, ତାହା ଏହାଠାରୁ ସଂପୂର୍ଣ୍ଣ ପୃଥକ୍ । ଥରେ ବହୁତ କମ୍ ବ୍ୟକ୍ତିଙ୍କର ରୂପାନ୍ତର ହୋଇଗଲେ ତାହା ଏହି ସଂସାରରେ ପ୍ରତିଷ୍ଠା ହୋଇଯିବ । ଆଉ ଲୁପ୍ତ ହେବ ନାହିଁ, ବୃଦ୍ଧି ହେଉଥିବ । ପୁରାତନ ଯୋଗ ସିଦ୍ଧି ପ୍ରାପ୍ତ ଶରୀର ସମ୍ବନ୍ଧେ ପଢ଼ିବା ଶୁଣିବା ଛଡ଼ା ଯେପରି ଦେଖିବାକୁ ମିଳୁ ନାହିଁ, ସେପରି ହେବ ନାହିଁ । ଗୋଟିଏ ଅତିମାନବଜାତି ଏହି ପୃଥିବୀରେ ସ୍ଥାପିତ ହେବ । ଯେପରି ପଶୁ ଜଗତରେ ମନୁଷ୍ୟଜାତି ହୋଇଛି, ସେହିପରି ମନୁଷ୍ୟ ଜଗତରେ ଅତିମାନବ ଜାତି ସ୍ଥାପିତ ହେବ । ଯେଉଁ ବିକାଶ ଅନୁସାରେ ବ୍ରହ୍ମ ଜଡ଼ରୁ ବହୁ ଅବସ୍ଥା ଅତିକ୍ରମ କରି ବର୍ତ୍ତମାନ ମନୁଷ୍ୟରେ ପହଞ୍ଚିଅଛି, ସେହି ବିକାଶ ନିୟମରେ ବ୍ରହ୍ମ ମନୁଷ୍ୟକୁ ଅତିକ୍ରମ କରି ଅତିମାନବରେ ଅବଶ୍ୟ ପହଞ୍ଚିବ । ଏହାର ସମୟ ହୋଇଛି । ମନୁଷ୍ୟର ମନ ବିକାଶର ଶେଷ ସୀମାରେ ପହଞ୍ଚି ସାରିଲାଣି ।

ଏହି କାର୍ଯ୍ୟ କରିବା ସକାଶେ ମା'ଶ୍ରୀଅରବିନ୍ଦ ଏହି ସଂସାରକୁ ଆସି ଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗ ଏହି ବିକାଶ ମାର୍ଗରେ ସହାୟକ ମାତ୍ର । ପ୍ରତ୍ୟେକ ମନୁଷ୍ୟର ଏହା ଅନିବାର୍ଯ୍ୟ ଲକ୍ଷ୍ୟ । ବର୍ତ୍ତମାନ ବିକାଶ ଏକାବେଳେକେ ମନରୁ ଭିନ୍ନ ଅତିମାନସ ଚେତନାର ଗୋଟିଏ ନୂତନ ସ୍ତରରେ ହେଉଅଛି । ସେଠାରେ ସର୍ବସମନ୍ୱୟ । ସମସ୍ତ ସାଂପ୍ରଦାୟିକ, ଧାର୍ମିକ, ଗୁରୁବାଦର ବ୍ୟକ୍ତି ଏହି ଲକ୍ଷ୍ୟ ଗ୍ରହଣ କରିବାରେ ସେମାନଙ୍କ ପୁରାତନ ସାଧନା, ସିଦ୍ଧାନ୍ତ, ଗୁରୁନିଷ୍ଠା, କିଛି ବି ତ୍ୟାଗ କରିବାକୁ ହୁଏ ନାହିଁ । ବରଂ ଶରୀର ତ୍ୟାଗ କରିବା ପରେ ଯେଉଁ ଲକ୍ଷ୍ୟ ପ୍ରାପ୍ତି କରିବା ଉଦ୍ଦେଶ୍ୟ ଥାଏ, ତାହା ଏହି ରୂପାନ୍ତରିତ ଶରୀରରେ ପ୍ରାପ୍ତି ହୁଏ ।

ଯେପରି ଅଦ୍ୱୈତ ସିଦ୍ଧାନ୍ତର ଲକ୍ଷ୍ୟ — ନିର୍ବିଶେଷ ସତ୍ତାରେ ଆତ୍ମଚେତନା ଏକ ହୋଇଯିବା । ତାହା ଅନିର୍ବଚନୀୟ ଆନନ୍ଦ । ଆନନ୍ଦ ଅନିର୍ବଚନୀୟର ଅର୍ଥ ସେଠାରେ ଅନୁଭୂତ ହୁଏ । ସେସ୍ତରରେ ଅନୁଭୂତ ହେବା ସତ୍ତ୍ୱେ ଦ୍ୱୈତତା ନ ଥାଏ । କିନ୍ତୁ ମନ ସ୍ତରରେ ଭୌତିକ ଶବ୍ଦ ଦ୍ୱାରା ତାହା ପ୍ରକାଶିତ ହୋଇ ପାରେ ନାହିଁ । କାରଣ ମାନସ ସ୍ତର ଏବଂ ସଚ୍ଚିଦାନନ୍ଦ ମଧ୍ୟରେ କୌଣସି ସେତୁ ନ ଥାଏ, ଏହାଠାରୁ ତାହା ସଂପୂର୍ଣ୍ଣ ବିଜାତୀୟ; ସେନେଇ ସେହି ଅନୁଭୂତିରୁ ଭୌତିକ ଚେତନା ବଞ୍ଚିତ ରହେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଆତ୍ମା ପରମାତ୍ମା ସଙ୍ଗେ ମିଳନ ଯେଉଁ ସ୍ତରରେ ହୁଏ, ସେହି ସ୍ତରର ଚେତନା ଏହି ମନ-ପ୍ରାଣ-ଶରୀର ସ୍ତରକୁ ଆଣି ଏସବୁକୁ ସେହି ଚେତନାରେ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କରି ଦିଆହୁଏ । ସେଥିପାଇଁ ରୂପାନ୍ତରିତ ଶରୀରର ମନ-ପ୍ରାଣରେ ସେହି ଅନିର୍ବଚନୀୟ ଆନନ୍ଦ ଅନୁଭବ ହେବା ସତ୍ତ୍ୱେ ଅଦ୍ୱୈତତା ଥାଏ । ସେହି ଏକହିଁ ସଙ୍ଗେ ଏକତ୍ୱ ତଥା ପୃଥକତ୍ୱ ଥାଏ । ଏହା ହୁଏ ମନ ସ୍ତରର ଚେତନା ଅତିମାନସ ଚେତନାରେ ରୂପାନ୍ତର ହେଲେ । ସେହି ଏକହିଁ ସଙ୍ଗେ ସଂସାରରୁ ଅନ୍ଧକାର ଶକ୍ତି ଅପସାରିତ ହୁଏ ଏବଂ

ସଂସାର ସ୍ୱର୍ଗରେ ପରିଣତ ହୁଏ – ଏହା ଏକାବେଳେକେ ନୂତନ ହେବା ସତ୍ତ୍ୱେ କୌଣସି ପୁରାତନ ଯୋଗର ଲକ୍ଷ୍ୟର ବିରୋଧୀ ନୁହେଁ, ବରଂ ପରିପୂରକ ତଥା ଯୁକ୍ତିଯୁକ୍ତ । ଏହାର ପ୍ରମାଣ ସ୍ୱରୂପ ଶ୍ରୀଅରବିନ୍ଦ ଆଶ୍ରମରେ ବୌଦ୍ଧ, ଜୈନ, ଶଙ୍କରପନ୍ଥୀ, ଅଦ୍ୱୈତବାଦୀ ସନ୍ନ୍ୟାସୀ, ଚାରି ସମ୍ପ୍ରଦାୟର ବୈଷ୍ଣବ, ଆର୍ଯ୍ୟସମାଜୀ, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଆମେରିକାନ୍, ଇଂରେଜ, ଜର୍ମାନ୍, ଚୀନା ଓଗେର ସମସ୍ତ ଜାତି, ସମସ୍ତ ଧର୍ମ ସମ୍ପ୍ରଦାୟର ବ୍ୟକ୍ତି ଏକତ୍ର ହୋଇ ସାଧନା କରୁଅଛନ୍ତି । ଏଠାରେ ରୁଚିଗତ ଗୁରୁବାଦର ପ୍ରଶ୍ନ ନାହିଁ । କାହାରିକୁ ଦୀକ୍ଷା ଦିଆହୁଏ ନାହିଁ । ମା' ସାଧକମାନଙ୍କୁ ସେମାନଙ୍କ ସାଧନାରେ ସାହାଯ୍ୟ କରନ୍ତି । ସାଧକମାନେ ନିଜ ଆନ୍ତରିକତାରେ ସ୍ୱତଃସ୍ଫୂର୍ତ୍ତ ଭାବେ ମା'ଙ୍କ ପ୍ରତି ଭିନ୍ନ ଭିନ୍ନ ଭାବ ରଖନ୍ତି ଏବଂ ନିଜ ନିଜର ଗ୍ରହଣଶୀଳତା ଅନୁସାରେ ତାଙ୍କ ସାହାଯ୍ୟ ପାଆନ୍ତି । ଶ୍ରୀଅରବିନ୍ଦ ସ୍ୱୟଂ କହିଛନ୍ତି :

"And it shall also be a sign of the teacher of the integral Yoga that he does not arrogate to himself Guruhood in a vain and self-exalting spirit. His work, if he has one, is a trust from above, he himself a channel, a vessel or a representative. He is a man helping his brothers, a child leading children, a light kindling other lights, an awakened soul awakening souls, at highest a power or presence of the Divine calling to him other powers of the Divine."

''ପୂର୍ଣ୍ଣଯୋଗର ଶିକ୍ଷକଙ୍କର ଆହୁରି ଗୋଟିଏ ଲକ୍ଷଣ ଏହାହିଁ ହେବ ଯେ ସେ ମାନବସୁଲଭ ଅହଂକାର ଓ ଆତ୍ମପ୍ରଶସ୍ତିର ଭାବ ନେଇ ଗୁରୁଙ୍କ ଆସନ ଗ୍ରହଣ କରିବେ ନାହିଁ । ତାଙ୍କର ଯାହାକିଛି କରଣୀୟ କାର୍ଯ୍ୟ, ତାହା ହେଲା ଊର୍ଦ୍ଧ୍ୱରୁ ନ୍ୟସ୍ତ କାର୍ଯ୍ୟଭାର; ସେହି କାର୍ଯ୍ୟଭାରର ସେ ହେଲେ ପ୍ରଣାଳୀ ବା ଆଧାର ବା ପ୍ରତୀକ । ସେ ମାନବ, ସେ ନିଜର ମାନବ ଭ୍ରାତାମାନଙ୍କୁ ସାହାଯ୍ୟ କରୁଅଛନ୍ତି – ସେ ଶିଶୁ, ସେ ଅପର ଶିଶୁମାନଙ୍କୁ ପଥ ଦେଖାଇ ନେଇ ଯାଉଅଛନ୍ତି – ସେ ଦୀପ, ଯେ ଅନ୍ୟ ଦୀପମାନଙ୍କୁ ପ୍ରଦୀପ୍ତ କରୁଅଛନ୍ତି – ସେ ଜାଗ୍ରତ୍ ଆତ୍ମା, ଯେ ଅପର ଆତ୍ମାଚୟଙ୍କୁ ଜାଗ୍ରତ୍ କରାଉଅଛନ୍ତି – ଅଥବା ସବୁଠାରୁ ବେଶୀ କହିବାକୁ ହେଲେ, ସେ ଭାଗବତ ଶକ୍ତିର ବା ଭାଗବତ ସାନ୍ନିଧ୍ୟର ପ୍ରତୀକ, ଯେ ଅନ୍ୟାନ୍ୟ ଦିବ୍ୟଶକ୍ତିରାଜିଙ୍କୁ ନିଜ ଆଡ଼କୁ ଡାକୁଅଛନ୍ତି ।''

ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗସାଧକମାନଙ୍କର ସମନ୍ୱୟ ହେବାର ଅନ୍ୟ ଦିଗ ହେଲା– ସେମାନଙ୍କୁ ପ୍ରଥମ ସାଧନା ଏବଂ ଲକ୍ଷ୍ୟ ବର୍ଜନ କରି ଅନ୍ୟ ନୂତନ ସାଧନ ପ୍ରଣାଳୀ ଏବଂ ଲକ୍ଷ୍ୟ ଗ୍ରହଣ କରିବାକୁ ହୁଏ ନାହିଁ । ଏହି ଯୋଗର ଲକ୍ଷ୍ୟ ସିଦ୍ଧି ପୂର୍ବରୁ ଯେପରି ଅଦ୍ୱୈତ ସିଦ୍ଧି, ଭଗବତ୍ ସିଦ୍ଧି ପ୍ରାପ୍ତ ହୁଏ, ସେହିପରି ପୁରାତନ ସାଧନ ପ୍ରଣାଳୀ, ସମର୍ପଣ, ତ୍ୟାଗ, ଅଭୀପ୍ସା, କୁଣ୍ଡଳିନୀ ଶକ୍ତିର ଜାଗୃତି, ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର ଅବତରଣ ପଦ୍ଧତିର ମଧ୍ୟ ସମାବେଶ ଥାଏ । ଏହି କ୍ରିୟା ମଧ୍ୟରେ ନୂତନତ୍ୱ କେବଳ ରୂପାନ୍ତରକାରିଣୀ ଅତିମାନସ ଶକ୍ତି । ଯଥାର୍ଥରେ ଭାଗବତୀ ଶକ୍ତିଠାରୁ ଅତିମାନସ ଶକ୍ତି ପୃଥକ୍ ନୁହେଁ, ତା'ର ଅନ୍ୟ ରୂପ । ତାହାର ପ୍ରକାଶ ହୋଇ ନ ଥିଲା । ପୁରାତନ ଯୋଗ ସାଧନା ତଥା ସିଦ୍ଧି, ସମସ୍ତ ଶ୍ରୀଅରବିନ୍ଦଙ୍କ ଯୋଗରେ ସମାବିଷ୍ଟ ଥିବାରୁ ଏହା ସମସ୍ତ ଯୋଗକୁ ଆଲିଙ୍ଗନ କରି ପୂର୍ଣ୍ଣ ରୂପ ଦିଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ସଂକୀର୍ଣ୍ଣତା, ସୀମିତତାର ସ୍ଥାନ ଏକାବେଳେକେ ନାହିଁ । ଏହା ସମଗ୍ର ମାନବଜାତି ସକାଶେ ।

## ପୁରାତନ ଯୋଗର ସନ୍ନ୍ୟାସ, ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତର

ପୁରାତନ ସମସ୍ତ ଯୋଗର ଲକ୍ଷ୍ୟ ଥିଲା ତ୍ୟାଗ (ସନ୍ନ୍ୟାସ) । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ମନ, ପ୍ରାଣ, ଶରୀରର ରୂପାନ୍ତର । ଏହି ସିଦ୍ଧାନ୍ତ ଏତେ ସ୍ପଷ୍ଟହେବା ସତ୍ତ୍ୱେ ପୁରାତନ ସଂସ୍କାରବଶତଃ ଏହାର ପାର୍ଥକ୍ୟକୁ ବ୍ୟକ୍ତି ବୁଝିପାରୁ ନାହାନ୍ତି କିଂବା ସ୍ପଷ୍ଟରୂପେ ବ୍ୟକ୍ତ କରିପାରୁ ନାହାନ୍ତି । ପୁରାତନ ସମସ୍ତ ଯୋଗରେ ଜୀବନ ତଥା ସଂସାର

ତ୍ୟାଗ, ମୃତ୍ୟୁପରେ ନିର୍ବାଣ, କୈବଲ୍ୟ ମୁକ୍ତି ପ୍ରାପ୍ତି ଅଥବା ଦିବ୍ୟ ଚିନ୍ମୟ ସ୍ୱରୂପରେ ଗୋଲୋକ, ସାକେତ, ବୈକୁଣ୍ଠ, କୈଳାସରେ ଭଗବତ ପ୍ରାପ୍ତି, ଏହାହିଁ ଥିଲା ଲକ୍ଷ୍ୟ । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହି ଭୌତିକ, ନାଶବାନ୍ ଜଡ଼ ଶରୀରର ଦିବ୍ୟ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର; ରୋଗ, ଜରା, ମୃତ୍ୟୁରୁ ମୁକ୍ତି; ସଂସାରର ଦିବ୍ୟ ସ୍ୱରୂପରେ ପରିଣତି – ଏହା ହେଲା ଲକ୍ଷ୍ୟ । ପୁରାତନ ଯୋଗ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗରେ ଏହାହିଁ ପାର୍ଥକ୍ୟ ।

ପ୍ରଶ୍ନ : ପୁରାତନ ଯୋଗ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗର ପାର୍ଥକ୍ୟ ସୈଦ୍ଧାନ୍ତିକ ରୂପେ କହିଦେଲେ । କିନ୍ତୁ କ୍ରିୟାତ୍ମକ ରୂପେ ଆମେ ଦେଖୁଛୁ, ପୁରାତନ ଯୋଗର ସାଧକ ଘର, ପରିବାର, ବିଷୟ ଭୋଗବିଳାସସବୁ ତ୍ୟାଗ କରି ସଂସାରରୁ ପୃଥକ୍ ହୋଇ ଜଙ୍ଗଲରେ ଏକାକୀ ନିବାସ କରି ସାଧନା କରୁଥିଲେ କିଂବା ସଂସାରରୁ ପୃଥକ୍ ହୋଇ ସାମୂହିକ ରୂପେ କେତେକ ବ୍ୟକ୍ତି ସହିତ ଗୋଟିଏ ଆଶ୍ରମରେ ରହି ସାଧନା କରି ସିଦ୍ଧି ପ୍ରାପ୍ତ କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ସେହିପରି ବ୍ୟକ୍ତି ଘର, ପରିବାର ତ୍ୟାଗ କରି – ସେମାନଙ୍କଠାରୁ ସମ୍ବନ୍ଧ ବିଚ୍ଛିନ୍ନ କରି ଆଶ୍ରମରେ ରହି ସାଧନା କରୁଛନ୍ତି । ଯେଉଁମାନେ ଘର, ପରିବାର ତ୍ୟାଗ କରିବାରେ ଅସମର୍ଥ ଥିଲେ ସେମାନେ ପରିବାର ସହିତ ରହି, ଗୃହ-ସଂସାର କରି ସାଧନା କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ଏହିପରି ହେଉଛି । ପୂର୍ବ ଯୋଗରେ ଭିନ୍ନଭିନ୍ନ ସ୍ଥାନରେ ମଠ ଥିଲା, ଭାଗବତ ଟୁଙ୍ଗି ଥିଲା, କୀର୍ତ୍ତନମଣ୍ଡଳୀ ଥିଲା; ସଂଧ୍ୟା ସମୟରେ ସେଠାରେ ବ୍ୟକ୍ତି ଏକତ୍ରିତ ହୋଇ ଭାଗବତ ଚର୍ଚ୍ଚା ଓ କୀର୍ତ୍ତନ ଇତ୍ୟାଦି କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ସେହିପରି ହେଉଛି । କେବଳ ନାମ ରଖାହୋଇଛି ପାଠଚକ୍ର । ପୁରାତନ ଯୋଗରେ ଉଚ୍ଚକୋଟୀର ସାଧକମାନେ ଭ୍ରମଣ କରୁଥିଲେ, ଗ୍ରାମରେ ଯାଇ ଉପଦେଶ ଦେଉଥିଲେ କିଂବା ଗ୍ରାମର ଲୋକେ ସନ୍ଥମାନଙ୍କ ଆଶ୍ରମକୁ ଯାଇ ମହାତ୍ମାମାନଙ୍କୁ ଦର୍ଶନ କରୁଥିଲେ ଏବଂ ଅଧ୍ୟାତ୍ମ-ପ୍ରେରଣା ପାଉଥିଲେ । ଠିକ୍ ଏହି ଏକହିଁ ପ୍ରକାର ଶ୍ରୀଅରବିନ୍ଦଙ୍କ ଯୋଗରେ । ଏଥିରେ କୌଣସି ପ୍ରକାର ପାର୍ଥକ୍ୟ ଦେଖାଯାଉ ନାହିଁ ।

ଉତ୍ତର : ଅଜ୍ଞାନ, ଆସକ୍ତି, ବାସନା, କାମନାର ଭୋଗବିଳାସ ଏବଂ ପରମ ଜ୍ଞାନ ପରମାନନ୍ଦ ସ୍ୱରୂପ ଭଗବତ୍ ପ୍ରାପ୍ତି, କୌଣସି ଯୋଗରେ ଏହି ଉଭୟ ବିରୋଧୀ ବସ୍ତୁ ଏକସଙ୍ଗେ ରହିବା ସମ୍ଭବ ନୁହେଁ । ଅନ୍ଧକାର ଓ ଆଲୋକ ଯେପରି ଏକସଙ୍ଗେ ରହିପାରେ ନାହିଁ, ସେହିପରି ପିତା, ମାତା, ଭାଇ, ବନ୍ଧୁ, ସ୍ତ୍ରୀ, ପୁତ୍ର ପ୍ରତି ଅଜ୍ଞାନପ୍ରସୂତ ମୋହ, ଆସକ୍ତି, ଜାଗତିକ ସମ୍ବନ୍ଧ ଏବଂ ଜ୍ଞାନ, ଆନନ୍ଦ, ପ୍ରେମ ସ୍ୱରୂପ ଭଗବତ୍ ପ୍ରାପ୍ତି ଏକସଙ୍ଗେ ରହିପାରେ ନାହିଁ । ପୁରାତନ ଯୋଗର ସନ୍ନ୍ୟାସ ତ୍ୟାଗ ମାର୍ଗ ହେଉ କିଂବା ଶ୍ରୀଅରବିନ୍ଦଙ୍କ ରୂପାନ୍ତର ସାଧନ ହେଉ, ଉଭୟ ଯୋଗରେ ଅଜ୍ଞାନ ଆସକ୍ତି ତ୍ୟାଗ ଅପରିହାର୍ଯ୍ୟ । ବ୍ୟକ୍ତି ଗୃହରେ ରହି ସାଧନା କରନ୍ତୁ ଅଥବା ଗୃହ ତ୍ୟାଗ କରି ସାଧନା କରନ୍ତୁ, ଉଭୟ ଅବସ୍ଥାରେ ଆସକ୍ତି, କାମନା, ବାସନା ତ୍ୟାଗ କରିବାକୁହିଁ ହୁଏ । ଉଭୟ ପ୍ରକାର ଯୋଗରେ କେବଳ ଅଜ୍ଞାନର ଯୋଗ ସମାନ ହେବା ସତ୍ତ୍ୱେ ଏହି ତ୍ୟାଗର ଉପଯୋଗିତାରେ ଏକଠାରୁ ଅନ୍ୟଟି ସଂପୂର୍ଣ୍ଣ ବିପରୀତ । ଯେପରି ଜଣେ ନଦୀରେ ପ୍ରାଣ ବିସର୍ଜନ ସକାଶେ ଅଗାଧ ଜଳକୁ ଡେଇଁ ପଡ଼େ, ଅନ୍ୟଜଣେ କୌଣସି ବ୍ୟକ୍ତିକୁ ଉଦ୍ଧାର କରିବା ସକାଶେ ମଧ୍ୟ ଜଳକୁ ଡେଇଁ ପଡ଼େ । ଏହି ଦୁଇଜଣଙ୍କର କ୍ରିୟା ଏକ ପ୍ରକାର ପ୍ରତୀତ ହେଲେ ମଧ୍ୟ ପରିଣାମ ଏକାବେଳେକେ ବିପରୀତ ।

ପୁରାତନ ସମସ୍ତ ଯୋଗୀ ଅଜ୍ଞାନର ତ୍ୟାଗ ସହିତ ଅଜ୍ଞାନ ପଶ୍ଚାତରେ ଥିବା ଜ୍ଞାନକୁ ମଧ୍ୟ ତ୍ୟାଗ କରିଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ଅଜ୍ଞାନକୁ ତ୍ୟାଗ କରି ଅଜ୍ଞାନ ପଶ୍ଚାତରେ ଥିବା ଜ୍ଞାନ ଆବିଷ୍କାର କରନ୍ତି । ଆଚାର୍ଯ୍ୟ ଶଙ୍କର ମାୟା କହି ଯେପରି ସଂସାର ତ୍ୟାଗ କରିଛନ୍ତି, ଅନ୍ୟାନ୍ୟ ଆଚାର୍ଯ୍ୟମାନେ ସଂସାରକୁ ସତ୍ୟ କହି ମଧ୍ୟ ତ୍ୟାଗ କରିଛନ୍ତି । ସମସ୍ତ ପୁରାତନ ଯୋଗର ସିଦ୍ଧାନ୍ତ ଭିନ୍ନ ଭିନ୍ନ ଥିବା ସତ୍ତ୍ୱେ ସଂସାର ତ୍ୟାଗ ଦୃଷ୍ଟିରୁ ସମସ୍ତେ ଏକ । ସମସ୍ତ ପୁରାତନ ଯୋଗୀ ଦୃଶ୍ୟମାନ ସଂସାରର ମଧ୍ୟରେ ଥିବା ଅଖଣ୍ଡ ସତ୍ୟର ଆବିଷ୍କାର କରିପାରି ନାହାନ୍ତି ।

ପ୍ରଶ୍ନ : ଆଚାର୍ଯ୍ୟ ଶଙ୍କର ଜଗତକୁ ଏକାବେଳେକେ ମାୟା କହି ନାହାନ୍ତି । ସେ କହିଛନ୍ତି ଦୃଶ୍ୟମାନ ବୈଚିତ୍ର୍ୟ – ବିଭିନ୍ନ ବ୍ୟକ୍ତି, ମନୁଷ୍ୟ, ପଶୁ ଇତ୍ୟାଦି ଏହି ଯେଉଁ ପୃଥକତ୍ୱ ଏହିସବୁ ମିଥ୍ୟା । ଏହାର ପଶ୍ଚାତରେ ରହିଅଛି ଏକ ଅଖଣ୍ଡ ସତ୍ୟ ସତ୍ତା । ଆଚାର୍ଯ୍ୟ ଶଙ୍କର ବିଭିନ୍ନ ସ୍ଥାନରେ ଜଗତକୁ ମାୟା ବୋଲି ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି ତାହା

ତାଙ୍କର ସିଦ୍ଧାନ୍ତ ନୁହେଁ । ତାହା ସବୁ ପ୍ରସଙ୍ଗର ଅନୁରୂପ ଶବ୍ଦ, ଭିନ୍ନ ଅର୍ଥରେ ବ୍ୟବହାର କରାହୋଇଛି । ଯେପରି ସେ ଗଙ୍ଗା, କାଶୀ, ଶ୍ରୀରାମଙ୍କୁ ବନ୍ଦନା କରିଛନ୍ତି । ବନ୍ଦନା ଅଥବା ଭକ୍ତି କରିବା ଦ୍ୱୈତତା । ସେହି ବନ୍ଦନାକୁ ନେଇ ଯେପରି ତାଙ୍କ ସିଦ୍ଧାନ୍ତ ସିଦ୍ଧ କରାଯାଏ ନାହିଁ, ସେହିପରି ତାଙ୍କ ମାୟା ଶବ୍ଦର ଅର୍ଥ ଜଗତକୁ ଏକାବେଳେକେ ମାୟା କୁହାଯାଇ ପାରେ ନାହିଁ ।

ଉତ୍ତର : ପୂଜ୍ୟ ଆଚାର୍ଯ୍ୟ ଶଙ୍କରଙ୍କ ବ୍ରହ୍ମସୂତ୍ରର ଶଙ୍କର-ଭାଷ୍ୟ ରଚନା ହେବା ଦିନଠାରୁ ଆଜିକୁ ଦେଢ଼ଶହ ଦୁଇଶହ ବର୍ଷ ପୂର୍ବ ପର୍ଯ୍ୟନ୍ତ ଶଙ୍କରଙ୍କର ମାୟାବାଦ ବରାବର ପ୍ରଚଳିତ ଥିଲା । ଆଜି ପର୍ଯ୍ୟନ୍ତ ବି ଶଙ୍କରଙ୍କ ସଂପ୍ରଦାୟର ସଂସ୍କୃତ ମୂଳ ଭାଷ୍ୟ ଜ୍ଞାତା ବିରାଗୀ ବିଦ୍ୱାନ୍ ମହାତ୍ମା ସନ୍ନ୍ୟାସୀମାନେ ସଂସାରକୁ ମିଥ୍ୟା ମାନି ଆସୁଛନ୍ତି । ସେମାନେ କହନ୍ତି, ''ସଂସାର ତ୍ରିକାଳରେ ମିଥ୍ୟା, କେବେ ବି ସତ୍ୟ ନୁହେଁ ।'' 'ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ'– ଏହି ସୂତ୍ର ମାୟାବାଦର ଭିତ୍ତି । ଆଚାର୍ଯ୍ୟ ଶଙ୍କର ସ୍ୱୟଂ ସଂସାରକୁ ମାୟା ବ୍ୟାଖ୍ୟା କରିବାକୁ ଯାଇ 'ରଜ୍ଜୁ ସର୍ପବତ୍, ମୃଗତୃଷ୍ଣା ଜଳବତ୍, ଶୁକ୍ତିକା ରଜତବତ୍' ଉପମା ଦେଇଛନ୍ତି । ଦଉଡ଼ିରେ ସର୍ପ ଭ୍ରମ, ମୃଗତୃଷ୍ଣାରେ ଜଳ ଭ୍ରମ, ଶାମୁକାରେ ରୁପାର ଭ୍ରମ, ଶଙ୍କରଙ୍କର ଏହି ଉପମାସବୁକୁ ନେଇ ଶ୍ରୀ ରାମାନୁଜାଚାର୍ଯ୍ୟ ଶଙ୍କରଙ୍କ ସିଦ୍ଧାନ୍ତକୁ ଖଣ୍ଡନ କରିଅଛନ୍ତି । ସେ ଯୁକ୍ତି ଦେଇଛନ୍ତି ଯଦି ସର୍ପ, ଜଳ, ରୁପା ନ ଥା'ନ୍ତା ତେବେ ଦଉଡ଼ି, ଶାମୁକା, ମୃଗତୃଷ୍ଣାରେ ସେସବୁ ବସ୍ତୁର ଭ୍ରମ କିପରି ହୁଅନ୍ତା ? ବସ୍ତୁତଃ ଭ୍ରମହିଁ ମିଥ୍ୟା, ଜଗତ୍ ମିଥ୍ୟା ନୁହେଁ । ଅଦ୍ୱୈତ ସିଦ୍ଧାନ୍ତର ବ୍ୟାଖ୍ୟାରେ ସଂସାର ଏକାବେଳେକେ ମାୟା, ମିଥ୍ୟା ହେଉ ବା ବ୍ୟାବହାରିକ ସତ୍ୟ ହେଉ କିଂବା ଦୃଶ୍ୟମାନ ବସ୍ତୁର ପଶ୍ଚାତରେ ସତ୍ୟସତ୍ତା ନିହିତ ଥାଉ, କେବଳ ଶବ୍ଦ ପୃଥକ୍ କହିପାରନ୍ତି କିନ୍ତୁ ତତ୍ତ୍ୱତଃ ଏକ ବସ୍ତୁ – ସଂସାର ଅସତ୍, ନା ରୂପବିଶିଷ୍ଟ ପୃଥକତ୍ୱ ମାୟା, ସ୍ୱପ୍ନବତ୍, ଭ୍ରମ । ପୁରାତନ ଯୋଗୀମାନେ ସଂସାର ଓ ଶରୀର ତ୍ୟାଗକରି ମୁକ୍ତି ଅଥବା ଭଗବତ୍ ପ୍ରାପ୍ତି କରିଅଛନ୍ତି । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ଏହି ସିଦ୍ଧାନ୍ତର ପୂର୍ଣ୍ଣ ରୂପେ ବିପରୀତ – ସଂସାର ସତ୍ୟ; ମନ, ପ୍ରାଣ, ଶରୀର ତା'ର ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧକର ମନ, ପ୍ରାଣ, ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଏ । ସେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୋଇ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଏକ ସଙ୍ଗେ ସାକାର, ନିରାକାର ଏବଂ ଏହାର ପରେ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧ କରେ । ସଂପୂର୍ଣ୍ଣ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି କରିବା ସତ୍ତ୍ୱେ ସେ ଭଗବାନଙ୍କ ଯନ୍ତ୍ରରୂପେ ଭାଗବତୀ ଶକ୍ତି ଦ୍ୱାରା ଚାଳିତ ହୁଏ । ଅଦ୍ୱୈତ ସିଦ୍ଧାନ୍ତରେ ବ୍ରହ୍ମ ସହିତ ଜୀବ ଏକ ହୋଇ ଯିବାରେ ଯେଉଁ ଅନିର୍ବଚନୀୟ ଆନନ୍ଦ, ଭଗବତ୍ ଉପାସନାରେ ଯେଉଁ ପରାଭକ୍ତି ପରମାନନ୍ଦ ତାହା ଏକହିଁ ସମୟରେ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଉପଲବ୍ଧ ହୁଏ । ଏହିପରି ଦିବ୍ୟମାନବ ଏହି ପୃଥିବୀରେ ପ୍ରତିଷ୍ଠିତ ହେଲେ ସଂସାରରୁ ହିଂସା, ଦ୍ୱେଷ, ବୈର, ବିରୋଧାଦି ଦ୍ୱନ୍ଦ୍ୱ ଲୁପ୍ତ ହୁଏ, ସଂସାର ସ୍ୱର୍ଗରେ ପରିଣତ ହୁଏ । ପୁରାତନ ଯୋଗରେ ସଂସାର ଓ ଶରୀର ତ୍ୟାଗ କରିବା ପରେ ଯେଉଁ ମୁକ୍ତି, ଭଗବତ୍ ପ୍ରାପ୍ତି ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ତାହା ରୂପାନ୍ତରିତ ଶରୀରରେ ପ୍ରାପ୍ତ ହୁଏ । ପୁରାତନ ଯୋଗରେ ବ୍ୟକ୍ତି ମୁକ୍ତ ହୁଅନ୍ତି, ସଂସାର ଯେଉଁ ଦୁଃଖ କଷ୍ଟରେ ଥାଏ ତାହା ସେହିପରି ରହିଯାଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତିର ରୂପାନ୍ତର ସଙ୍ଗେ ଜଗତରୁ ଦୁଃଖକଷ୍ଟ ଦୂର ହୁଏ । ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ଏହାହିଁ ପାର୍ଥକ୍ୟ ।

ପ୍ରଶ୍ନ : ପ୍ରାଣୀମାନଙ୍କ ଦୁଃଖ-କଷ୍ଟର ଧାରଣାହିଁ ଦ୍ୱୈତତା । ପୃଥକ୍ ପ୍ରାଣୀ ଭାବନା ହେଲେ ସେମାନଙ୍କର ଦୁଃଖକଷ୍ଟର ଧାରଣା ହୋଇପାରେ । ବ୍ୟକ୍ତି ଅନିର୍ବଚନୀୟ ଅଦ୍ୱୈତ ସତ୍ତାରେ ଏକ ହେବା ଅର୍ଥ ପରମାନନ୍ଦ, ପରମ ସତ୍ୟ ସଙ୍ଗେ ଏକ ହୋଇଯିବା । ସେ ଅବସ୍ଥା କେବଳ ଆନନ୍ଦହିଁ ଆନନ୍ଦ । କେବଳ ଅନୁଭୂତି ଯୋଗ୍ୟ । ସେହି ଆନନ୍ଦକୁ ବ୍ୟକ୍ତି ବ୍ୟକ୍ତ କରିବାରେ ଅସମର୍ଥ । ସେ ଅବସ୍ଥାରେ ବୈଚିତ୍ର୍ୟ ଏବଂ ଦୁଃଖ-କଷ୍ଟସବୁ ମିଥ୍ୟା, ମାୟା, ସ୍ୱପ୍ନ । ପୃଥକତ୍ୱର ଯଦି ଅସ୍ତିତ୍ୱହିଁ ନାହିଁ, ତେବେ ଦୁଃଖ-କଷ୍ଟ ଆସିବ କେଉଁଠୁ ? ଦୁଃଖ-କଷ୍ଟର ଧାରଣାହିଁ ଭ୍ରମ, ଅଜ୍ଞାନ । ମାୟା ଭ୍ରମାତ୍ମକ ଶରୀର-ମନ-ପ୍ରାଣକୁ ରୂପାନ୍ତର କରିବାହିଁ ମାୟା, ଅଜ୍ଞାନ ।

ଉତ୍ତର : ଅନୁଭବପ୍ରାପ୍ତ ଯୋଗୀର ଏହା ହୋଇପାରେ, କିନ୍ତୁ କ୍ୟାନସର ରୋଗୀର ଗଳା, ପେଟ ଅପରେସନ ହୋଇଥିବା ଅବସ୍ଥାରେ ତାହାର ଯେଉଁ ଯନ୍ତ୍ରଣା ହୁଏ ତା'ର ଏହି ଅନୁଭୂତି ଦ୍ୱାରା କିଛି ଲାଭ ହୁଏ କି ? ତା' ସମ୍ମୁଖରେ ଜ୍ଞାନୀ ଯୋଗୀ ଯଦି କହିବେ, ''ମୁଁ ନିର୍ବିଶେଷ ସତ୍ତାରେ ଏକ ହୋଇ ଅନୁଭବ କରିଛି – ସଂସାର ପୃଥକତ୍ୱ, ଦୁଃଖ-କଷ୍ଟ ସବୁ ମିଥ୍ୟା-ମାୟା ତୁମର ଯନ୍ତ୍ରଣା କେବଳ ଭ୍ରମ ମାତ୍ର'', ତେବେ ଏହି ଉକ୍ତି ସେହି ରୋଗୀ ସକାଶେ ଯେପରି ନିରର୍ଥକ, ସେହିପରି ସଂସାର ମିଥ୍ୟା, ବ୍ୟକ୍ତିତ୍ୱ, ଦୁଃଖ-କଷ୍ଟ ମିଥ୍ୟା ସିଦ୍ଧାନ୍ତ, ସଂସାରରେ ଦୁଃଖ-କଷ୍ଟ ଭୋଗୁଥିବା ବ୍ୟକ୍ତିଙ୍କ ସକାଶେ ମୂଲ୍ୟହୀନ ।

ବ୍ୟକ୍ତି ଖାଇବାକୁ ନ ପାଇ ଛଟପଟ ହୋଇ ତା'ର ଜୀବନ ଯାଉଥାଏ, କ୍ଷୁଧାରେ ଉଦର ଜଳୁଥିବା ସତ୍ତ୍ୱେ ବ୍ୟକ୍ତିର କଣ୍ଠରେ ଘା'ର ଯନ୍ତ୍ରଣା ଯୋଗୁଁ ଭୋଜନ କରି ପାରୁ ନ ଥାଏ, ଯୁଦ୍ଧରେ ହସ୍ତ ପଦରେ ଗୁଳି ଲାଗି ଦାରୁଣ ବ୍ୟଥାରେ ଜଳ ଅଭାବରେ ତା'ର କଣ୍ଠ ଶୁଖି ସେ ଯନ୍ତ୍ରଣା ଭୋଗକରେ । ପତି-ସ୍ତ୍ରୀ ମଧ୍ୟରେ ବୈମନ୍ୟ, ପିତା ପୁତ୍ର ମଧ୍ୟରେ ବିବାଦ, ମିଥ୍ୟା କଳଙ୍କର ଅପବାଦ, ନିର୍ଦୋଷ ଦେଶ ଉପରେ ଦୁଷ୍ଟଦେଶର ଆକ୍ରମଣ ତଥା ଯୁବତୀ ସ୍ତ୍ରୀ, ଯୁବତୀ କନ୍ୟା, ମା'ମାନଙ୍କର ଅପମାନ ହୁଏ । ଏହିସବୁ ଦୁଃଖଦ୍ୱନ୍ଦ୍ୱକୁ ଅଦ୍ୱୈତ ମୁକ୍ତବାଦୀ ଯୋଗୀ ମିଥ୍ୟା, ମାୟା କହି, ଏ ଦ୍ୱନ୍ଦ୍ୱପୂର୍ଣ୍ଣ ସଂସାରରୁ ଉଦାସୀନ ହୋଇ ଯେଉଁ ଅନିର୍ବଚନୀୟ ଆନନ୍ଦରେ ବିଭୋର ରହନ୍ତି, ସେହି ଅନିର୍ବଚନୀୟ ଆନନ୍ଦକୁ ଦୂରରୁ ପ୍ରଣାମ କରିବା ଭଲ । ଏହିରୂପ ମୁକ୍ତି ଏକ ପ୍ରକାର ସ୍ୱାର୍ଥପରତା । ଅନ୍ୟ ଲୋକର ଦୁଃଖକଷ୍ଟ ଧାରଣା କରିବା, ତାହା ଦୂର କରିବାକୁ ପ୍ରଯତ୍ନ କରିବା ମାୟା, ଅଜ୍ଞାନ – ଏ ସିଦ୍ଧାନ୍ତ କୌଣସି ଶାସ୍ତ୍ରୀୟ ନା ଆପଣଙ୍କ ନିଜର ? ଯଦି ଏହି ସିଦ୍ଧାନ୍ତ ମାନ୍ୟ ହୁଏ ତେବେ ଅଦ୍ୱୈତ ସିଦ୍ଧାନ୍ତର ପ୍ରବର୍ତ୍ତକ ଆଚାର୍ଯ୍ୟ ଶଙ୍କର 'ଶଙ୍କର ଭାଷ୍ୟ' ତଥା ଅନ୍ୟାନ୍ୟ ବହୁତ ଗ୍ରନ୍ଥ ଲେଖିବା, ସ୍ୱୟଂ ପଦଯାତ୍ରାରେ ଭ୍ରମଣ କରି, ମଠ ସ୍ଥାପନ କରି ନିଜ ସିଦ୍ଧାନ୍ତ ପ୍ରତିଷ୍ଠା କରିବା, ହଜାର ହଜାର ନରନାରୀଙ୍କୁ ଉପଦେଶ ଦେଇ ମୁକ୍ତି ମାର୍ଗ ଦର୍ଶାଇବାର ଆବଶ୍ୟକତା ନ ଥା'ନ୍ତା । ବୁଦ୍ଧଦେବ ଓ ଅନ୍ୟାନ୍ୟ ସମସ୍ତ ଆଚାର୍ଯ୍ୟ, ଋଷି, ମୁନି, ଅବତାରମାନଙ୍କୁ ସଂସାରର ହିତ ସାଧନ କରିବା ଆବଶ୍ୟକ ହୋଇ ନ ଥା'ନ୍ତା । ସେମାନେ କ'ଣ ସମସ୍ତେ ଅଜ୍ଞାନୀ ?

ପ୍ରଶ୍ନ : ନା, ସେମାନେ ଥିଲେ ଜ୍ଞାନୀ । ସେମାନଙ୍କ ଦୃଷ୍ଟିରେ ଦୁଃଖ, କଷ୍ଟ ସମସ୍ତ ମାୟା ଥିଲା । କିନ୍ତୁ ଅନ୍ୟ ଲୋକର କଷ୍ଟ ଦୂର କରିବାକୁ ସେ କର୍ମ କରିଥିଲେ ।

ଉତ୍ତର : ଋଷି, ମୁନି, ମହାପୁରୁଷ, ଆଚାର୍ଯ୍ୟ, ଅବତାରମାନେ ସ୍ୱୟଂ ଜ୍ଞାନ ସ୍ୱରୂପ, ପୂର୍ଣ୍ଣ ମୁକ୍ତ ଥାଇ କେବଳ ଅନ୍ୟର ଦୁଃଖ ଦୂର କରି ଅନ୍ୟକୁ ସନ୍ମାର୍ଗରେ ପରିଚାଳିତ କରିବା ସକାଶେ ଯଦି କର୍ମ କରି ଆସିଛନ୍ତି, ତେବେ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀରର ରୂପାନ୍ତର, ସଂସାରରୁ ଦୁଃଖ-କଷ୍ଟ ଦୂର କରିବା କିପରି ଅଜ୍ଞାନତା ହେବ ?

ମନୁଷ୍ୟ ସ୍ୱୟଂ ମୁକ୍ତ ହେଲେ ଅନ୍ୟକୁ ମୁକ୍ତ କରିପାରେ, ସେ ସ୍ୱୟଂ ଜ୍ଞାନୀ ହେଲେ ଅନ୍ୟକୁ ଜ୍ଞାନ ପ୍ରଦାନ କରିପାରେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଯଦି ଅନ୍ୟର ଦୁଃଖ-କଷ୍ଟ ଦୂର ହୁଏ, ତେବେ ସେ ଯୋଗର ସାଧକମାନେ ସ୍ୱୟଂ ଅନ୍ଧକାରରେ ରହିବେ କିପରି ? ଦୁଃଖ-କଷ୍ଟର ଅର୍ଥହିଁ ଅଜ୍ଞାନ । ଜ୍ଞାନ ବିନା ଦୁଃଖ କଷ୍ଟ କୌଣସି ଉପାୟରେ ଦୂର ହୁଏ ନାହିଁ ।

ଶଙ୍କରାଚାର୍ଯ୍ୟ, ବୁଦ୍ଧଦେବ, ରାମାନୁଜ ପ୍ରଭୃତି ମହାପୁରୁଷମାନେ ସ୍ୱୟଂ ଶୁଦ୍ଧ, ବୁଦ୍ଧ, ମୁକ୍ତ ଥିଲେ । ସେମାନଙ୍କ ନିଜ ସକାଶେ କୌଣସି କର୍ମର ଆବଶ୍ୟକତା ନ ଥିଲା । ସେମାନେ ସଂସାରକୁ ଆସି କର୍ମ କରିଥିଲେ କେବଳ ଅନ୍ୟ ଲୋକଙ୍କ ଦୁଃଖ, କଷ୍ଟ ଦୂର କରିବାକୁ । ସେମାନଙ୍କର ଏକମାତ୍ର କାମ ଥିଲା ସଂସାରରୁ ଅଜ୍ଞାନ-ପ୍ରସୂତ ହିଂସା, ଦ୍ୱେଷ, ବୈର, ବିରୋଧ ଦୂର କରି ଭ୍ରାତୃତ୍ୱ, ଅହିଂସା, ଶାନ୍ତି, ସୁଖ ସ୍ଥାପନ କରିବା । ସମୟ ଆସି ନ ଥିବାରୁ ସେମାନଙ୍କ ପ୍ରଯତ୍ନ ପୂର୍ଣ୍ଣ ହୋଇ ନାହିଁ କିଂବା ସ୍ଥାୟୀ ହୋଇ ରହିପାରି ନାହିଁ । କାରଣ ସଂସାର ପରିଚାଳିତ ହୁଏ ଭାଗବତୀ ଶକ୍ତି ତଥା ଅଦିବ୍ୟ ଆସୁରୀ ଶକ୍ତି ଦ୍ୱାରା । ଭାଗବତୀ ଶକ୍ତିର କ୍ରିୟା – ଶାନ୍ତି, ସନ୍ତୋଷ, ଆନନ୍ଦ, ଅହିଂସା, ଏକତ୍ୱ, ଭ୍ରାତୃତ୍ୱ,

ସତ୍ୟ, ନ୍ୟାୟ, ଦୟା, କରୁଣା, ମୈତ୍ରୀ ଇତ୍ୟାଦି ସଦ୍‌ଗୁଣ । ଆସୁରୀ ଅନ୍ଧକାର ଶକ୍ତିର କ୍ରିୟା – ହିଂସା, ଦ୍ୱେଷ, ସ୍ୱାର୍ଥ, ଅନ୍ୟାୟ, ଅତ୍ୟାଚାର, ବୈର, ବିରୋଧ, ଚୋରି, ଡକାୟତି, ମିଥ୍ୟାଚାର, ପରପୀଡ଼ା ଇତ୍ୟାଦି ଅସଦ୍‌ଗୁଣ । ଏସବୁର ମୂଳ ଉତ୍ସ ଅନ୍ଧକାର ଶକ୍ତି । ତାହାର ରୂପାନ୍ତର ନ ହେଲେ ତାହାର କ୍ରିୟା ଅନ୍ୟାୟ ନ୍ୟାୟ ଦ୍ୱାରା କିଛିଦିନ ସକାଶେ ଦବିଯାଏ, ପୁନରାୟ ମୁଥା ମୂଳରୁ ଘାସ ଉଠିଲା ପରି ବାହାରେ । ଏପର୍ଯ୍ୟନ୍ତ ପୁରାତନ ଯୋଗରେ ଆସୁରୀ ଶକ୍ତିକୁ ରୂପାନ୍ତର କରାହୋଇ ନ ଥିଲା, କେବଳ ତା'ର ଅନ୍ୟାୟ କ୍ରିୟା ଯେବେ ସଂସାରରେ ବୃଦ୍ଧି ହେଉଥିଲା ସେତେବେଳେ ଭଗବାନ୍ ଅବତାର ନେଇ ଅଥବା ଆଚାର୍ଯ୍ୟମାନେ ଆସି ଧର୍ମପ୍ରଚାର ଦ୍ୱାରା ଅନ୍ୟାୟକୁ ଦବେଇ ଦେଉଥିଲେ । ଅନ୍ଧକାର ଶକ୍ତିର ପୂର୍ଣ୍ଣ ରୂପାନ୍ତର ହୁଏ ଆଦ୍ୟା ଭାଗବତୀ ଅତିମାନସ ଶକ୍ତି ଦ୍ୱାରା, ଯେଉଁ ଶକ୍ତିକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଛନ୍ତି ଏବଂ ମା' ଯେଉଁ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ଏହି ଦୃଷ୍ଟିରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ରୂପାନ୍ତର ଅଜ୍ଞାନତା, ଭ୍ରମ ନୁହେଁ, ସଂସାର ସୃଜନଠାରୁ ମନୁଷ୍ୟ ଯେଉଁ ପରମାନନ୍ଦଙ୍କୁ ଅଜ୍ଞାନରୂପେ ପ୍ରତୀକ୍ଷା କରି ରହିଅଛି, ଯେଉଁ ସୁଖ, ଶାନ୍ତି ସଂସାରରେ ସ୍ଥାପନ କରିବା ସକାଶେ ଆଚାର୍ଯ୍ୟ ତଥା ମହାପୁରୁଷ, ଭଗବତ ଅବତାରମାନେ ଏହି ସଂସାରକୁ ବାରଂବାର ଆସି କାର୍ଯ୍ୟ କରୁଛନ୍ତି, ସେହି ସ୍ଥାୟୀ ସୁଖ, ଶାନ୍ତି ଏହି ସଂସାରରେ ସ୍ଥାପିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା । ଏହାରି ଅର୍ଥ ସଂସାର ସ୍ୱର୍ଗରେ, ମନୁଷ୍ୟ ଅତିମାନବରେ ପରିଣତ ହେବ । ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତର ଅଜ୍ଞାନ ଭ୍ରମ ନୁହେଁ, ପୂର୍ବାଚାର୍ଯ୍ୟମାନଙ୍କର ପ୍ରଯତ୍ନର ପୂର୍ଣ୍ଣତା ।

ପ୍ରଶ୍ନ : ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ ଦୂର ହେବା ଠିକ୍ କିନ୍ତୁ ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ଜୀବ ବ୍ରହ୍ମରେ ଏକ ହୋଇଗଲେ ଜଳ ସମୁଦ୍ରରେ ଏକ ହେବା ସଦୃଶ କୌଣସି ପୃଥକତ୍ୱ ନ ଥାଏ, ଥାଏ କେବଳ ଅନିର୍ବଚନୀୟ ଅଦ୍ୱୈତ ଆନନ୍ଦ । ସେ ଅବସ୍ଥାରେ ରୂପାନ୍ତର କିଏ କାହାକୁ କରିବ ?

ଉତ୍ତର : ଏହା ବିରୋଧାତ୍ମକ ଉକ୍ତି । କହୁଛନ୍ତି ଆନନ୍ଦ ସମୁଦ୍ରରେ ଜଳ ମିଶି ଏକ ହୋଇଯିବା ସଦୃଶ ଜୀବ, ବ୍ରହ୍ମରେ ମିଶି ଏକ ହୋଇଯାଏ । ଫେରେ କହୁଛନ୍ତି ଅନିର୍ବଚନୀୟ ଆନନ୍ଦ । ଏଥିରୁ ସ୍ପଷ୍ଟ ହେଉଛି ଯେଉଁ ଆନନ୍ଦ ଅନୁଭବ କରାହୁଏ ତାହା ଶବ୍ଦରେ ପ୍ରକାଶ କରାଯାଇ ପାରେ ନାହିଁ । ଶବ୍ଦରେ ପ୍ରକାଶ ନ ହେଲେ ମଧ୍ୟ ଅନୁଭବର ଅର୍ଥହିଁ ଦ୍ୱୈତ, ଅର୍ଥାତ୍ ଅନୁଭବ ହେବା ଏକ ବସ୍ତୁ, ଅନୁଭବ ଯେ କରେ ସେ ଅନ୍ୟ ବସ୍ତୁ । ଅଦ୍ୱୈତ ରକ୍ଷା କରିବାକୁ ଯଦି କୁହାଯାଏ ସେଠାରେ କୌଣସି ଅନୁଭୂତି ନାହିଁ, ତେବେ ଗୋଟିଏ ମସ୍ତବଡ଼ ବିରୋଧ ଉପସ୍ଥିତ ହେବ – ଜଡ଼ତା । ବ୍ରହ୍ମ ଚୈତନ୍ୟ ତଥା ଜ୍ଞାନ ସ୍ୱରୂପ; ସୁତରାଂ ତାକୁ ଜଡ଼ କହି ହେବ ନାହିଁ । ଯେକୌଣସିମତେ ସ୍ୱୀକାର କରିବାକୁ ହେବ ଆନନ୍ଦ ଅନୁଭୂତି । ଆନନ୍ଦ ଅନୁଭୂତିରେ ଅଦ୍ୱୈତ ରକ୍ଷା କରିବାକୁ ଯାଇ ଘୁଙ୍ଗା ଗୁଡ଼ ଖାଇବାର ଉଦାହରଣ ଦିଆହୋଇଛି । ଏହି ଉଦାହରଣ ଯୁକ୍ତିଯୁକ୍ତ ନୁହେଁ । ଘୁଙ୍ଗା ଗୁଡ଼ର ସ୍ୱାଦ କହିପାରେ ନାହିଁ, କିନ୍ତୁ ଅନୁଭବ କରେ । ଏହିସବୁ ଯୁକ୍ତି ଦ୍ୱାରା ଅଦ୍ୱୈତ ସିଦ୍ଧ ନ ହେବାର ପ୍ରଧାନ କାରଣ ହେଉଛି, ବ୍ରହ୍ମ ଯେ ଅଦ୍ୱୈତ ଅବସ୍ଥାରେ ଦ୍ୱୈତ, ଦ୍ୱୈତ ଅବସ୍ଥାରେ ଅଦ୍ୱୈତ, ବ୍ରହ୍ମର ପୁରୁଷୋତ୍ତମ ସ୍ୱରୂପ, ଏହାକୁ ସ୍ୱୀକାର ନ କରି ଅଦ୍ୱୈତବାଦୀ ବ୍ରହ୍ମକୁ କେବଳ ନିଷ୍କ୍ରିୟ ନିରାକାର ମାନନ୍ତି, ସଗୁଣ, ସାକାର ସର୍ବଶକ୍ତିମତ୍ତାକୁ ମାୟା କହନ୍ତି ଏବଂ ସଚ୍ଚିଦାନନ୍ଦ ସ୍ତରରେ ଯେଉଁ ବ୍ରହ୍ମର ଅନୁଭୂତି ହୁଏ ତାହା ମନଃସ୍ତରର ଧର୍ମ ଅନୁସାରେ ବ୍ୟାଖ୍ୟା କରନ୍ତି । ସେହି ସକାଶେ ସୈଦ୍ଧାନ୍ତିକ ବିରୋଧ ହୁଏ । ସଚ୍ଚିଦାନନ୍ଦ ଚେତନାର ଧର୍ମ ଏହି ମନ ଚେତନାର ଧର୍ମଠାରୁ ଏକାବେଳେକେ ପୃଥକ୍ । ମନ ଚେତନାରେ ପୃଥକତ୍ୱ ଆଉ ଏକତ୍ୱ ଏକସଙ୍ଗେ ହୋଇପାରେ ନାହିଁ । ସଚ୍ଚିଦାନନ୍ଦ ଚେତନାରେ ଅଦ୍ୱୈତ ଦ୍ୱୈତ ଏକସଙ୍ଗେ ରହେ । ସଚ୍ଚିଦାନନ୍ଦ ଚେତନା, ମାନସ ଚେତନା ମଧ୍ୟରେ ଦୁର୍ଭେଦ୍ୟ ଖାଇ ଥିବାରୁ ସେ ଚେତନା ସମ୍ବନ୍ଧେ ମନ ଏକାବେଳେକେ ଅନଭିଜ୍ଞ ଥାଏ ଏବଂ କିଛି ବୁଝି ପାରେ ନାହିଁ । ସେହି କାରଣରୁ ସଚ୍ଚିଦାନନ୍ଦ ସ୍ତରର ଯଥାର୍ଥ ଅବସ୍ଥା ମନରେ ପ୍ରକାଶିତ ହୋଇପାରେ ନାହିଁ । ଏହି ଦୁର୍ଭେଦ୍ୟ ଖାଇ ଦୂର ହୁଏ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ସେହି ସଚ୍ଚିଦାନନ୍ଦ ତତ୍ତ୍ୱରେ ରୂପାନ୍ତର ହେଲେ । ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସଚ୍ଚିଦାନନ୍ଦ ପ୍ରକାଶ ହୁଅନ୍ତି । ଅର୍ଥାତ୍ ମନୁଷ୍ୟର ମନ, ପ୍ରାଣ, ଶରୀରର ସୀମିତତା ରହେ ନାହିଁ, ସଚ୍ଚିଦାନନ୍ଦ ଅନନ୍ତ ଚେତନାରେ ରୂପାନ୍ତରିତ ହୁଏ ।

ବ୍ରହ୍ମକୁ ନିର୍ଗୁଣ, ନିରାକାର, ଜଗତକୁ ମିଥ୍ୟା, ମାୟା ପ୍ରତିପାଦନ କରିବା ସକାଶେ ଯେତେପ୍ରକାର ଯୁକ୍ତି ଦେଉଛନ୍ତି, ତାହା ପ୍ରଶ୍ନର ଯଥାର୍ଥ ଉତ୍ତର ହେଉ ନାହିଁ, କାରଣ ମନୁଷ୍ୟର ପୂର୍ଣ୍ଣତାରେ ପହଞ୍ଚିବାର ମଧ୍ୟବର୍ତ୍ତୀ ଗୋଟିଏ ଅବସ୍ଥା ହେଉଛି ଅଦ୍ୱୈତ ସିଦ୍ଧିର ମୁକ୍ତ ଅବସ୍ଥା । ସେହି ମଧ୍ୟବର୍ତ୍ତୀ ଅବସ୍ଥାକୁ ଅଦ୍ୱୈତ ଦର୍ଶନରେ ମନୁଷ୍ୟର ଶେଷ ଲକ୍ଷ୍ୟ ବୋଲି ମାନି ନିଆ ହୋଇଅଛି । ଏହି ସକାଶେ ବ୍ରହ୍ମର ସ୍ୱରୂପ ସଗୁଣ-ନିର୍ଗୁଣ ପୁରୁଷୋତ୍ତମ ତତ୍ତ୍ୱ, ଯେ କି ନିଷ୍କ୍ରିୟ ରହି କର୍ମଶୀଳ, ନିରାକାର ହେବା ଅବସ୍ଥାରେ ସାକାର । ଏପରି ବ୍ରହ୍ମ ସ୍ୱରୂପକୁ କେବଳ ନିରାକାର, ନିଷ୍କ୍ରିୟ ପ୍ରତିପାଦନ କରାହୋଇ ତାଙ୍କର ସର୍ବଶକ୍ତିମତ୍ତାକୁ ବାଦ୍ ଦିଆ ହୋଇଛି । ପ୍ରତ୍ୟକ୍ଷ ଦୁଃଖ-ସୁଖ-ଦ୍ୱନ୍ଦ୍ୱଯୁକ୍ତ ସଂସାରକୁ ମିଥ୍ୟା ମାୟା କହି ସମସ୍ୟାର ସମାଧାନ ନ କରି ତାକୁ ଏଡ଼ାଇ ଦିଆ ହୋଇଅଛି । ସେହି ସକାଶେ ଦାର୍ଶନିକ ବିରୋଧ, ମତଭେଦ ହୋଇଅଛି ।

କିନ୍ତୁ ମନୁଷ୍ୟର କ୍ରମବିବର୍ତ୍ତନରେ ଅଦ୍ୱୈତ ମୁକ୍ତିକୁ ମଧ୍ୟବର୍ତ୍ତୀ ଅନୁଭୂତି ମାନିଲେ ସମସ୍ତ ମତଭେଦ ଦୂର ହୁଏ, ସମସ୍ୟାର ସମାଧାନ ହୁଏ । ବେଦ, ଉପନିଷଦ୍, ଗୀତା, ଭାଗବତ, ରାମାୟଣରେ ବ୍ରହ୍ମର ଯେଉଁ ସାକାର ନିରାକାର ଚତୁଷ୍ପାଦ ବିଭୂତିଯୁକ୍ତ ପୁରୁଷୋତ୍ତମ ପରମବ୍ରହ୍ମ ସ୍ୱରୂପକୁ ପ୍ରତିପାଦନ କରା ହୋଇଛି, ତାକୁ ନିଜ ସିଦ୍ଧାନ୍ତ ଅନୁସାରେ ଭାଙ୍ଗି ଚୂରି ଅର୍ଥ କରିବାକୁ ହୁଏ ନାହିଁ ।

କ୍ରମବିବର୍ତ୍ତନ ଅନୁସାରେ ମନୁଷ୍ୟର ପୂର୍ଣ୍ଣତା ହେଉଛି ମନ, ପ୍ରାଣ, ଶରୀର ତା'ର ଦିବ୍ୟ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର । ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ପୁରୁଷୋତ୍ତମ ପରମବ୍ରହ୍ମଙ୍କୁ ପ୍ରକାଶ କରାହୁଏ ଏବଂ ତାହା ସହିତ ଏକତ୍ୱ ପ୍ରାପ୍ତ କରାହୁଏ । ସେହି ଏକହିଁ ସଙ୍ଗେ ବ୍ୟକ୍ତି ଏକ ଏବଂ ପୃଥକ୍ ରହି, ତାଙ୍କର ଯନ୍ତ୍ର ହୁଏ ତଥା ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ମନୁଷ୍ୟକୁ ଏହି ପୂର୍ଣ୍ଣତା ପ୍ରାପ୍ତି ସଙ୍ଗେ ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ଦୂର ହୁଏ, ସଂସାର ସ୍ୱର୍ଗରେ ପରିଣତ ହୁଏ । ଏହା ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧାନ୍ତ । ଏଥିରେ ସମସ୍ତ ପୁରାତନ ଯୋଗ-ସିଦ୍ଧାନ୍ତର ସମନ୍ୱୟ ହୁଏ ଏବଂ ସମସ୍ତ ପୁରାତନ ଯୋଗର ଅନୁଭୂତି ପ୍ରାପ୍ତ ହୁଏ ।

ଆଚାର୍ଯ୍ୟ ଶଙ୍କର ଯେଉଁ ସମୟରେ ଅଦ୍ୱୈତ ସିଦ୍ଧାନ୍ତ ପ୍ରତିପାଦନ କରିଥିଲେ ସେହି ସମୟ ସକାଶେ ତାହାହିଁ ମନୁଷ୍ୟର ଶେଷ ଲକ୍ଷ୍ୟ ଥିଲା କାରଣ ସେ ସମୟରେ ବ୍ୟକ୍ତିକୁ ତା'ର ପୂର୍ଣ୍ଣତ୍ୱ ଜାଣିବାର ସମୟ ଆସି ନ ଥିଲା । ମନୁଷ୍ୟ ବିକାଶଶୀଳ, ନିଜ ବିକାଶ ମାର୍ଗରେ ବରାବର ଗତିକରି ଚାଲୁଅଛି । ତା'ର ବିକାଶ ଅନନ୍ତ । ବିକାଶର ଶେଷ ନାହିଁ । ବିକାଶ ମାର୍ଗରେ ସମୟୋପଯୋଗୀ ସାହାଯ୍ୟ ଆଚାର୍ଯ୍ୟମାନେ ଦିଅନ୍ତି । ଏହି ବିଷୟ ''ସିଦ୍ଧାନ୍ତ-ସମନ୍ୱୟ''ରେ ଅଲୋଚିତ ହୋଇଅଛି ।

ବର୍ତ୍ତମାନ ତା'ର ପୂର୍ଣ୍ଣତାର ସମୟ ଆସିଛି । ଅତିମାନସ ଶକ୍ତି ଏହି ପୃଥିବୀରେ ଅବତରଣ କରି ରୂପାନ୍ତର କ୍ରିୟା କରୁଅଛି । ମନୁଷ୍ୟର ବିକାଶ ହେଉଥିଲା ଅଜ୍ଞାନ, ଅନ୍ଧକାର, ଦୁଃଖ ଦ୍ୱନ୍ଦ୍ୱରୁ ଜ୍ଞାନ, ଆନନ୍ଦ ଆଡ଼କୁ । ଅନ୍ଧକାର ଅଜ୍ଞାନ, ଦୁଃଖ-କଷ୍ଟ ମନଃସ୍ତରର ବସ୍ତୁ । ମନୁଷ୍ୟ ମନଃସ୍ତର ଅତିକ୍ରମ କରି ଅତିମାନସ ସ୍ତରରେ ଉପନୀତ ହେଲେ ଅର୍ଥାତ୍ ତା'ର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେଲେ ତା'ର ବିକାଶ ଚାଲିବ ଜ୍ଞାନରୁ ଜ୍ଞାନ ଆଡ଼କୁ, ଆନନ୍ଦରୁ ଆନନ୍ଦ ଆଡ଼କୁ । ଏହି ରୂପାନ୍ତର ବିକାଶର ଶେଷ ନୁହେଁ । ବିକାଶ ଅନନ୍ତ, ଅନନ୍ତକାଳ ପର୍ଯ୍ୟନ୍ତ ଚାଲିଥିବ । ଏହି ବିକାଶର ଯଦି ସୀମା ଥାଆନ୍ତା ତେବେ ଆଚାର୍ଯ୍ୟମାନେ ଆସି ନୂତନ ଶିକ୍ଷା ଦେବାର ପ୍ରୟୋଜନ ହୁଅନ୍ତା ନାହିଁ । ଆଚାର୍ଯ୍ୟମାନଙ୍କର ସମସ୍ତ ଅନୁଭୂତି, ସମସ୍ତ ସିଦ୍ଧାନ୍ତ ସତ୍ୟ; ମନୁଷ୍ୟର ପୂର୍ଣ୍ଣତା ସକାଶେ ଅଙ୍ଗରୂପେ ଆବଶ୍ୟକ ଏବଂ ମାନବିକ ପୂର୍ଣ୍ଣତାର ଅଙ୍ଗରୂପେ ଚିରଦିନ ସକାଶେ ରହିବ । କିନ୍ତୁ ପୂର୍ଣ୍ଣତାର ମଧ୍ୟବର୍ତ୍ତୀ ଅବସ୍ଥାରେ ପ୍ରାପ୍ତ ମୁକ୍ତି ଭଗବତ୍ ପ୍ରାପ୍ତିକୁ ଜୀବନର ପୂର୍ଣ୍ଣତା ମାନି ନେବାରୁ ସୈଦ୍ଧାନ୍ତିକ ବିରୋଧ ହେଉଅଛି । ଶ୍ରୀଅରବିନ୍ଦଙ୍କ ଯୋଗରେ ପୁରାତନ ଯୋଗର ସମସ୍ତ ସତ୍ୟ ଉପଲବ୍ଧ ହୁଏ ଏବଂ ଜୀବନର ପୂର୍ଣ୍ଣତା ବ୍ୟାଖ୍ୟାନରେ ସମସ୍ତ ବିରୋଧୀ ସିଦ୍ଧାନ୍ତର ସମନ୍ୱୟ ମଧ୍ୟ ହୁଏ ।

# ପରିଶିଷ୍ଟ

# ତିନୋଟି ସିଦ୍ଧାନ୍ତ

### ଶ୍ରୀମା

''ଏହି ଜଗତ୍ ସମ୍ବନ୍ଧରେ ମୁଖ୍ୟତଃ ତିନୋଟି ସିଦ୍ଧାନ୍ତ ଅଛି :

**୧. ବୌଦ୍ଧ ଓ ଶଙ୍କରଙ୍କର ସିଦ୍ଧାନ୍ତ :**

ଏ ଜଗତ୍ ମାୟା ଓ ଅଜ୍ଞାନର ଭୂମି ଏବଂ ଏହି କାରଣରୁ ଏହା ଦୁଃଖ-ଯନ୍ତ୍ରଣାର କ୍ଷେତ୍ର । ଏକମାତ୍ର କର୍ତ୍ତବ୍ୟ ହେଲା, ଯେତେ ଶୀଘ୍ର ସମ୍ଭବ ଏଠାରୁ ପଳାୟନ କରିବା ଏବଂ ସେହି ଅନାଦି, ମହାଶୂନ୍ୟ ବା ଅବ୍ୟକ୍ତଙ୍କ ମଧ୍ୟରେ ଅନ୍ତର୍ହିତ ହେବା ।

**୨. ବେଦାନ୍ତ ଦର୍ଶନର ସିଦ୍ଧାନ୍ତ :**

(ସାଧାରଣ ଭାବରେ ବେଦାନ୍ତକୁ ଏହିପରି ବୁଝାଯାଏ) ଏହି ଜଗତ୍ ମୂଳ-ସ୍ୱରୂପରେ ଦିବ୍ୟ, କାରଣ ଏଠାରେ ଭଗବାନ୍ ସର୍ବତ୍ର ବିଦ୍ୟମାନ । କିନ୍ତୁ ଏହାର ବାହ୍ୟ ଅଭିବ୍ୟକ୍ତି ବିକୃତ, ଅସ୍ପଷ୍ଟ, ଅନ୍ଧକାରାଚ୍ଛନ୍ନ ଏବଂ କଦାକାର ହୋଇଅଛି । ସୁତରାଂ ଏକମାତ୍ର କର୍ତ୍ତବ୍ୟ ହେଲା ଅନ୍ତରସ୍ଥ ଆତ୍ମାଙ୍କ ସମ୍ବନ୍ଧରେ ସଚେତନ ହେବା ଏବଂ ଏ ଜଗତ୍ ସମ୍ବନ୍ଧେ କୌଣସି ଅନୁଶୋଚନା ନ କରି ସେହି ଚେତନାରେ ପ୍ରତିଷ୍ଠିତ ହେବା – କାରଣ ଏହି ବାହ୍ୟ ଜଗତ୍ କେବେ ବି ପରିବର୍ତ୍ତିତ ହୋଇ ପାରିବ ନାହିଁ ବରଂ ସର୍ବଦା ଏହା ନିଜ ସ୍ୱାଭାବିକ ଅଚେତନା ଓ ଅଜ୍ଞାନତା ମଧ୍ୟରେ ପଡ଼ି ରହିବ ।

**୩. ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ :**

ବର୍ତ୍ତମାନ ପୃଥିବୀ ଯେପରି ବିଦ୍ୟମାନ ତାହା ଭଗବତ ସୃଷ୍ଟିରେ ଯେପରି ହେବାର କଥା ସେପରି ହୋଇପାରି ନାହିଁ, ବରଂ ଯଥାର୍ଥ ସୃଷ୍ଟିର ଏହା ଏକ ବିକୃତ ଓ ଅନ୍ଧକାରମୟ ଅଭିବ୍ୟକ୍ତି, କିନ୍ତୁ ବାସ୍ତବରେ ଏହି ଭଗବତ ସଂକଳ୍ପ ଓ ଚେତନାରେ ପରିଣତ ହେବାହିଁ ଏହାର ଉଦ୍ଦେଶ୍ୟ । ଏହି ସୃଷ୍ଟିର ଲକ୍ଷ୍ୟ ହେଲା ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିବା – ସକଳରୂପେ ଓ ସକଳ ଭାବରେ – ଜ୍ୟୋତିଃ, ଜ୍ଞାନ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟ ମଧ୍ୟରେ ।

ଏହାହିଁ ଆମ୍ଭମାନଙ୍କର ଏ ଜଗତ୍ ସମ୍ବନ୍ଧେ ସିଦ୍ଧାନ୍ତ ଏବଂ ଏହି ଲକ୍ଷ୍ୟର ଆମ୍ଭେମାନେ ଅନୁସରଣ କରୁ ।''

# ରୂପାନ୍ତର-ଯୋଗ

### ଶ୍ରୀଅରବିନ୍ଦ

ରୂପାନ୍ତର କହିଲେ ମୁଁ ପ୍ରକୃତିର ଆଂଶିକ ପରିବର୍ତ୍ତନ ବୁଝେ ନାହିଁ, ଏହାଦ୍ୱାରା ମୁଁ ବୁଝେ ନାହିଁ ସାଧୁ-ସନ୍ଥ ଜୀବନ ବା ନୈତିକ ଉତ୍କର୍ଷ ସାଧନ ଅଥବା ଯୌଗିକ ସିଦ୍ଧି (ତାନ୍ତ୍ରିକମାନଙ୍କ ପରି) ଅଥବା ଊର୍ଦ୍ଧ୍ୱତନ ଚିନ୍ମୟ ଦେହପ୍ରାପ୍ତି । ଏହି ଶବ୍ଦଟି ମୁଁ ପ୍ରୟୋଗ କରେ ଗୋଟାଏ ବିଶେଷ ଅର୍ଥରେ – ଚେତନାର ଆମୂଳ ଓ ସର୍ବାଙ୍ଗୀଣ ପରିବର୍ତ୍ତନ – ଏପରି

ଗୋଟାଏ ବିଶିଷ୍ଟ ପରିବର୍ତ୍ତନ ଯାହାଫଳରେ ସତ୍ତା ଆଧ୍ୟାତ୍ମିକ କ୍ରମ-ବିକାଶ ପଥରେ ସୁଦୃଢ଼ ଓ ସମର୍ଥ ଭାବରେ ଏକ ପାଦ ଅଗ୍ରସର ହେବ,– ପ୍ରାଚୀନ କାଳରେ ଜଡ଼ ପ୍ରାଣମୟ ଜୀବ ଜଗତରେ ମନୋମୟ ସତ୍ତାର ପ୍ରଥମ ଆବିର୍ଭାବ ଅପେକ୍ଷା ଏହି ଅଗ୍ରଗତି ହେବ ଏକ ବୃହତ୍ତର, ଉଚ୍ଚତର, ମହତ୍ତର, ପୂର୍ଣ୍ଣତର ପରିବର୍ତ୍ତନ । ଯଦି ଏହା ଅପେକ୍ଷା କିଛି କମ୍ ଘଟେ ଅଥବା ଅନ୍ତତଃ ଯଦି ଏହି ଭିତ୍ତିରେ ଗୋଟାଏ ଯାତ୍ରାରମ୍ଭ ନ ହୁଏ, ତାହା ହେଲେ ଆମ୍ଭର ଉଦ୍ଦେଶ୍ୟ ସିଦ୍ଧି ହେଲା ନାହିଁ । ମୁଁ ଜୀବନ ଓ ଯୋଗ ପାଖରେ ଯେଉଁ ଦାବି କରିଛି, ତାହା ଗୋଟାଏ ଆଂଶିକ, ମିଶ୍ରିତ ଅଥବା ଅନିର୍ଦ୍ଦିଷ୍ଟ ସିଦ୍ଧି ଦ୍ୱାରା ପୂର୍ଣ୍ଣ ହୋଇପାରିବ ନାହିଁ ।

ଉପଲବ୍ଧିର ଆଲୋକ ଓ ଉପଲବ୍ଧିର ଅବତରଣ ଏକହିଁ ବସ୍ତୁ ନୁହେଁ । କେବଳ ଉପଲବ୍ଧି ସମଗ୍ର ସତ୍ତାକୁ ରୂପାନ୍ତରିତ କରିବ, ଏପରି ନୁହେଁ, ଏହା କେବଳ ଗୋଟାଏ ଉନ୍ମୀଳନ ଅଥବା ଚେତନାର ଶିଖର ଦେଶରେ, ଅଳ୍ପ ଊର୍ଦ୍ଧ୍ୱାୟନ ଗତି, ଅଳ୍ପ ପ୍ରସାର ଆଣିପାରେ ଯାହା ଫଳରେ ଆଧାରର ପ୍ରକୃତି-ଅଂଶରେ କୌଣସି ଆମୂଳ ପରିବର୍ତ୍ତନ ନ ହୋଇ ବି ପୁରୁଷ-ଅଂଶରେ କିଛି ଉପଲବ୍ଧି ଆସିପାରେ । ଚେତନାର ଆଧ୍ୟାତ୍ମିକ ଶିଖରରେ ଉପଲବ୍ଧିରେ କିଛି ଜ୍ୟୋତିଃ ସାଧକ ପ୍ରାପ୍ତ କରିପାରେ, କିନ୍ତୁ ସତ୍ତାର ନିମ୍ନ ଭାଗଗୁଡ଼ିକ ପୂର୍ବେ ଯେପରି ଥିଲା ସେହିପରି ରହେ । ଏପରି ଦୃଷ୍ଟାନ୍ତ ମୁଁ ବହୁତ ଦେଖିଛି । ଯଥାର୍ଥ ରୂପାନ୍ତର ସକାଶେ କେବଳ ମନରେ ବା ମନର କୌଣସି ଅଂଶରେ ନୁହେଁ, ଦେହ-ସ୍ତରରେ ଏବଂ ତାହାର ନିମ୍ନରେ ଓ ସମଗ୍ର ସତ୍ତାର ସକଳ ଅଂଶରେ ଊର୍ଦ୍ଧ୍ୱତନ ଦୀପ୍ତି ଅବତୀର୍ଣ୍ଣ ହେବା ଆବଶ୍ୟକ । ଊର୍ଦ୍ଧ୍ୱର ଦୀପ୍ତି ମନ ମଧ୍ୟରେ ଅବତୀର୍ଣ୍ଣ ହୋଇ ମନକୁ ଅଧ୍ୟାତ୍ମ-ଭାବମୟ (Spiritualise) କରି ଦେଇପାରେ, ଅଥବା ତାହାକୁ ପୂର୍ଣ୍ଣତଃ ବା ଅଂଶତଃ ଅନ୍ୟ ପ୍ରକାରେ ପରିବର୍ତ୍ତିତ କରିପାରେ, କିନ୍ତୁ ଏହାଦ୍ୱାରା ପ୍ରାଣମୟ (vital) ପ୍ରକୃତିରେ କୌଣସି ପରିବର୍ତ୍ତନ ବି ନ ଆସି ପାରେ, ପୁଣି ପ୍ରାଣ ମଧ୍ୟରେ ଜ୍ୟୋତିଃ ଉତରିଲେ ପ୍ରାଣର ଗତିବୃତ୍ତିକୁ ଶୋଧିତ ଓ ପ୍ରସାରିତ କରିପାରେ ଅଥବା ପ୍ରାଣପୁରୁଷଙ୍କୁ ନୀରବ ଓ ଅଚଳ କରି ଦେଇପାରେ, କିନ୍ତୁ ଶାରୀର ଚେତନା ପୂର୍ବବତ୍‌ହିଁ ରହେ; ହୁଏତ ପୂର୍ବାପେକ୍ଷା ଅଧିକ ଜଡ଼ାବସ୍ଥା ପ୍ରାପ୍ତ ହୁଏ, ଅଥବା ସମତା ହରାଏ । ପୁନଶ୍ଚ କେବଳ ଜ୍ୟୋତିଃର ଅବତରଣ ଘଟିଲେ ଚଳିବ ନାହିଁ, ବରଂ ସମଗ୍ର ଊର୍ଦ୍ଧ୍ୱତନ ଚେତନାର ଅବତରଣ– ଜ୍ଞାନ, ପ୍ରେମ ଓ ଆନନ୍ଦର ଅବତରଣ ବି ଆବଶ୍ୟକ । ଆଉ ବି ଏହି ଅବତରଣ ମୁକ୍ତି ଆଣି ଦେଇପାରେ, କିନ୍ତୁ ପୂର୍ଣ୍ଣତା ଆଣେ ନାହିଁ, ଅଥବା ଏହା ଆନ୍ତର ସତ୍ତାକୁ ବହୁତ କିଛି ପରିବର୍ତ୍ତିତ କରିପାରେ, କିନ୍ତୁ ବାହ୍ୟ ସତ୍ତା ଗୋଟାଏ ଅପୂର୍ଣ୍ଣ ଯନ୍ତ୍ର ରୂପେ ରହିଯାଏ, ସ୍ଥୂଳ ବ୍ୟାଧିଗ୍ରସ୍ତ, ଆତ୍ମ-ପ୍ରକାଶ-ଅକ୍ଷମ (ଅବିକଶିତ) । ପରିଶେଷରେ ସାଧନାକୃତ ରୂପାନ୍ତର ପରିପୂର୍ଣ୍ଣ ହୋଇପାରେ ନାହିଁ, ଯଦି ସତ୍ତା ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ନ ହୋଇଛି । ଚୈତ୍ୟ-ରୂପାନ୍ତର ପର୍ଯ୍ୟାପ୍ତ ନୁହେଁ, ଏହା ଗୋଟାଏ ଆରମ୍ଭ ମାତ୍ର, ଅଧ୍ୟାତ୍ମ-ରୂପାନ୍ତର ଏବଂ ଉଚ୍ଚତର ଚେତନାର ଅବତରଣ ବି ପର୍ଯ୍ୟାପ୍ତ ନୁହେଁ, ଏହା ଗୋଟାଏ ମଧ୍ୟବର୍ତ୍ତୀ ସ୍ତର ମାତ୍ର; ଚରମ ସିଦ୍ଧି ସକାଶେ ଆବଶ୍ୟକ ଅତିମାନସ ଚେତନା ଓ ଅତିମାନସ ଶକ୍ତିର କ୍ରିୟା । ବ୍ୟକ୍ତି ଅର୍ଥାତ୍ ସାଧକବିଶେଷ ଏହା ଅପେକ୍ଷା କିଛି କମ୍ ପ୍ରାପ୍ତ କରି ମଧ୍ୟ ସନ୍ତୁଷ୍ଟ ହୋଇ ପାରନ୍ତି, କିନ୍ତୁ ପାର୍ଥିବ ଚେତନାର ନିର୍ଦ୍ଦିଷ୍ଟ ଅଗ୍ରଗତି ସକାଶେ ଏହିସବୁ ଅପୂର୍ଣ୍ଣ ସିଦ୍ଧି ଯଥେଷ୍ଟ ନୁହେଁ ।

ମୁଁ କେବେ ବି କହି ନାହିଁ ଆମ୍ଭର ଯୋଗ ଏକାବେଳେକେ ଗୋଟାଏ ନୂତନ ବସ୍ତୁ । ଏହାକୁ ମୁଁ ପୂର୍ଣ୍ଣଯୋଗ ନାମ ଦେଇଛି ଏବଂ ତାହାର ଅର୍ଥ ହେଲା ଏହି ଯେ ଏହା ନାନା ପ୍ରାଚୀନ ଯୋଗର ସାରତତ୍ତ୍ୱ ଗ୍ରହଣ କରିଅଛି ଏବଂ ସେହିସବୁ ଯୋଗପଦ୍ଧତିର ସମନ୍ୱୟ କରିଅଛି– ଏହାର ନୂତନତ୍ୱ ହେଲା ଏହାର ଲକ୍ଷ୍ୟ, ଦୃଷ୍ଟିଭଙ୍ଗୀ ଓ ସମନ୍ୱୟମୂଳକ ପ୍ରଣାଳୀ । 'ବିଶ୍ୱପ୍ରହେଳିକା', 'ଯୋଗ-ପ୍ରଦୀପ' କିଂବା 'ଯୋଗାଧାର' ପ୍ରଭୃତି ପୁସ୍ତକରେ ମୁଁ ମୋ ଯୋଗର ପ୍ରାଥମିକ ଅବସ୍ଥା ବିଷୟରେ ଉଲ୍ଲେଖ କରିଛି । ସେଥିରେ ଏପରି କିଛି ନାହିଁ ଯାହାକୁ ପ୍ରାଚୀନ ଯୋଗ-ପଦ୍ଧତି ତୁଳନାରେ ଆମ୍ଭଯୋଗର ନୂତନତ୍ୱ ବୋଲି କୁହାଯିବ, ଅବଶ୍ୟ ଗୋଟିଏ ଦୁଇଟି କଥାକୁ ଛାଡ଼ି ଦେଲେ । ପ୍ରଥମତଃ ଏହି ଯୋଗର ସାର୍ବଭୌମ ସ୍ୱରୂପର ପଶ୍ଚାତରେ ଗୋଟାଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିହିତ ଅଛି; ଦ୍ୱିତୀୟତଃ, ଏହାର ଗତିବୃତ୍ତିରେ ଗୋଟାଏ ନିଜସ୍ୱ ଭାବ ଅଛି ଏବଂ ଗୋଟାଏ ଚରମ ଅର୍ଥ ଏହା ସମ୍ମୁଖରେ ସର୍ବଦା ରହିଛି; ପରିଶେଷରେ ଏହାର ଗୋଟାଏ ସ୍ୱତନ୍ତ୍ର ମନସ୍ତତ୍ତ୍ୱ

ଅଛି ଏବଂ ଏହାର କ୍ରିୟାବଳୀର ନିଜସ୍ୱ ଧାରା ବି ଅଛି । କିନ୍ତୁ ଏହି ସମସ୍ତ କଥା ପୂର୍ବୋକ୍ତ ପତ୍ରାବଳୀରେ ଯଥାବିଧି ବିକଶିତ କରାହୋଇ ନାହିଁ, ବିକଶିତ କରିବା ବି ସମ୍ଭବ ନ ଥିଲା, ସେହି ସକାଶେ ତାହା ସାଧାରଣ ପାଠକଙ୍କର ବୋଧଗମ୍ୟ ହୋଇ ନାହିଁ ଏବଂ ଏହାକୁ କେବଳ ସେହିମାନେ ବୁଝୁଥିଲେ ଯେଉଁମାନେ ଭାବନାରେ ବା ଅଭ୍ୟାସରେ ଏହିସବୁ ବିଷୟ ସହିତ ପୂର୍ବରୁ ପରିଚିତ ଥିଲେ । ସାଧନାର ପରବର୍ତ୍ତୀ ସ୍ତରସମୂହର କଥା ଏବଂ ନାନା ଖୁଣ୍ଟିନାଣ୍ଟି ବିଷୟ ଯାହା ଗୋଟାଏ ଅଜ୍ଞାତ ବା ସଂପୂର୍ଣ୍ଣ ଅପରିଜ୍ଞାତ ରାଜ୍ୟର କଥା, ସେହିସବୁ ବିଷୟ ମୁଁ ସର୍ବସାଧାରଣଙ୍କୁ କିଛି ବି କହି ନାହିଁ, ଆଉ ବର୍ତ୍ତମାନ ଏ ସମ୍ବନ୍ଧରେ କିଛି କହିବାର ଇଚ୍ଛା ବି ନାହିଁ ।

ମୁଁ ଜାଣେ ମୋ ଆଦର୍ଶ, ମୋ ଭବିଷ୍ୟତ୍ ସୂଚନାବଳୀର (ବାହ୍ୟତଃ) ଅନୁରୂପ ଆଦର୍ଶ ଓ ସୂଚନାବଳୀ ବହୁ ପୂର୍ବରୁ ହୋଇଯାଇଛି,– ଯଥା : ମାନବଜାତିର ପୂର୍ଣ୍ଣ ଉତ୍କର୍ଷ-ସାଧନ ଯେକୌଣସି ତାନ୍ତ୍ରିକ ସାଧନା-ମାର୍ଗର ଲକ୍ଷ୍ୟ ଥିଲା, କୌଣସି କୌଣସି ଯୋଗ-ମାର୍ଗରେ କାୟାସିଦ୍ଧି ଇତ୍ୟାଦି ବି ଥିଲା । ଏହିସବୁ ବିଷୟରେ ମୁଁ ଇତି ପୂର୍ବରୁ ଉଲ୍ଲେଖ କରିଛି ଏବଂ ମୁଁ ଏହି ଅଭିମତ ପ୍ରକାଶ କରିଛି ଯେ ମାନବର ପ୍ରାଚୀନ ଇତିହାସ ହେଲା ଗୋଟାଏ ପ୍ରସ୍ତୁତି, ଗୋଟାଏ ଆୟୋଜନ, ଭଗବାନଙ୍କୁ କେବଳ ଊର୍ଦ୍ଧ୍ୱଲୋକରେ ପ୍ରାପ୍ତି ନୁହେଁ, ପାର୍ଥିବ-ଚେତନାର ଅବଶ୍ୟମ୍ଭାବୀ ଅଗ୍ରଗତି ନିମିତ୍ତ । ଅତଏବ ଆମ୍ଭ ଯୋଗକୁ ଏବଂ ସେହି ଯୋଗର ଲକ୍ଷ୍ୟ ଓ ପ୍ରଣାଳୀକୁ କେହି ନୂତନ ବୋଲି ଗ୍ରହଣ କରୁ ବା ନ କରୁ, ସେଥିରେ କିଛି ଯାଏଆସେ ନାହିଁ, ଏହା ଅତି ସାମାନ୍ୟ କଥା, ଆଉ ଏହି ସମସ୍ତ ପ୍ରାଚୀନ ଆଦର୍ଶାବଳୀ ଓ ଆମ୍ଭ ଆଦର୍ଶ ଅଭିନ୍ନ ଓ ଏକ ନ ହେଲେ ସୁଦ୍ଧା ସେମାନଙ୍କ ମଧ୍ୟରେ କେତେକ ସାଦୃଶ୍ୟ ରହିଛି । ଏକମାତ୍ର ମହତ୍ତ୍ୱପୂର୍ଣ୍ଣ କଥା ହେଲା ଯେଉଁମାନେ ଆମ୍ଭ ଯୋଗକୁ ସ୍ୱୀକାର କରନ୍ତି, ଅଭ୍ୟାସ କରନ୍ତି ଅଥବା ଏହାକୁ ସାଧନାରେ ସିଦ୍ଧି କରିବାକୁ ଚାହାନ୍ତି, ସେମାନେ ଏହାକୁ ସତ୍ୟ ବୋଲି ଚିହ୍ନି ପାରିଛନ୍ତି କି ନାହିଁ । ଏହି ଯୋଗକୁ ଯଦି ନୂତନ କୁହାଯାଏ କିଂବା ପ୍ରାଚୀନ ଯୋଗର ପୁନରାବୃତ୍ତି ବୋଲି କୁହାଯାଏ, କିଂବା ବିସ୍ମୃତ ପୁରାତନ ପନ୍ଥାର ପୁନରୁଦ୍ଧାର ବୋଲି କୁହାଯାଏ, ଏଥିରେ କିଛି ଲାଭ କ୍ଷତି ନାହିଁ । କେତେକ ସାଧକଙ୍କୁ ପୂର୍ବରୁ ଲିଖିତ ଏକ ପତ୍ରରେ ମୁଁ ଏହି ଯୋଗକୁ ନୂତନ ବୋଲି ସ୍ପଷ୍ଟତଃ ଉଲ୍ଲେଖ କରିଥିଲି, କାରଣ ମୁଁ ସେମାନଙ୍କୁ ବୁଝାଇବାକୁ ଚାହିଁଥିଲି ଯେ ମୋ ଦୃଷ୍ଟିରେ ପ୍ରାଚୀନ ଯୋଗପନ୍ଥାର ଆଦର୍ଶ ବା ଲକ୍ଷ୍ୟର ପୁନରାବୃତ୍ତି ଯଥେଷ୍ଟ ନୁହେଁ, ମୁଁ ଏପରି ଏକ ବସ୍ତୁକୁ ଉପସ୍ଥାପିତ କରିବାକୁ ଚାହୁଁଛି ଯାହାକୁ ଆଜି ପର୍ଯ୍ୟନ୍ତ କେହି ବି ସିଦ୍ଧ କରି ନାହାନ୍ତି, ସ୍ପଷ୍ଟରୂପେ ଦେଖି ବି ନାହାନ୍ତି – ଅଥଚ ଆମ୍ଭମାନଙ୍କର ସକଳ ପୂର୍ବତନ ସାଧନାଧାରାର ଏହାହିଁ ଏକମାତ୍ର ସ୍ୱାଭାବିକ ପରିଣାମ, କିନ୍ତୁ ଆଜି ବି ତାହା ପ୍ରଚ୍ଛନ୍ନ ।

ଆମ୍ଭ ଯୋଗ ପ୍ରାଚୀନ ଯୋଗ-ପନ୍ଥାସମୂହର ତୁଳନାରେ ନୂତନ :

୧. କାରଣ ଏହି ଯୋଗର ଲକ୍ଷ୍ୟ ଜଗତ୍ ଓ ଜୀବନକୁ ବର୍ଜନ କରି ନିର୍ବାଣ ବା ସ୍ୱର୍ଗରେ ପ୍ରୟାଣ ନୁହେଁ, ଏହାର ଲକ୍ଷ୍ୟ ସତ୍ତା ଓ ଜୀବନର ପରିବର୍ତ୍ତନ ଗୌଣଭାବେ ନୁହେଁ, ବରଂ ସ୍ପଷ୍ଟ ଓ ମୁଖ୍ୟ ଭାବେ । ଅନ୍ୟାନ୍ୟ ଯୋଗ-ମାର୍ଗରେ ଅବତରଣ (descent) କଥା କଳ୍ପିତ ହୋଇଥାଏ, କିନ୍ତୁ ତାହା ପଥ ମଧ୍ୟସ୍ଥ ଗୋଟାଏ ସାମାନ୍ୟ ଘଟନା ମାତ୍ର, ଅଥବା ଉତ୍ତରଣ (ascent)ର ପରିଣାମ ରୂପେ – ଏହିସବୁ ମାର୍ଗରେ ଉତ୍ତରଣହିଁ ମୁଖ୍ୟବସ୍ତୁ । ଆମ୍ଭ ଯୋଗରେ ଉତ୍ତରଣର ପ୍ରଥମ କ୍ରିୟା ସତ, ତାହା ଅବତରଣର ଉପାୟ ସ୍ୱରୂପ । ଉତ୍ତରଣ ଦ୍ୱାରା ନୂତନ ଚେତନାର ଅବତରଣହିଁ ହେଲା ଏହି ସାଧନାରେ ନିଜସ୍ୱ ସିଲ୍ । ଏପରିକି ତନ୍ତ୍ର ଏବଂ ବୈଷ୍ଣବ ଧର୍ମରେ ଚରମ କାମ୍ୟ ହେଲା ମୁକ୍ତି; କିନ୍ତୁ ଜୀବନରେ ଦିବ୍ୟସାର୍ଥକତା ହେଲା ଆମ୍ଭ ଯୋଗର କାମ୍ୟ ।

୨. କାରଣ ଆମ୍ଭମାନଙ୍କ ଯୋଗର ଉଦ୍ଦେଶ୍ୟ ବ୍ୟକ୍ତିଗତ ଦିବ୍ୟସିଦ୍ଧିଲାଭ ନୁହେଁ ବରଂ ସମଗ୍ର ପାର୍ଥିବ ଚେତନା ସକାଶେ ଦିବ୍ୟ ସିଦ୍ଧି ଲାଭ; ବିଶ୍ୱଗତ ସିଦ୍ଧି, କେବଳ ବିଶ୍ୱାତୀତ ସିଦ୍ଧି ନୁହେଁ । ଆଉ ଗୋଟିଏ ବସ୍ତୁ ଯାହା ଆମ୍ଭମାନଙ୍କର ସାଧନୀୟ ତାହା ହେଲା ଏକ ପରମ ଚୈତନ୍ୟ (ଅତିମାନସ) ଶକ୍ତିକୁ ଉତାରି ଆଣିବା, ଯାହା ଆଜି ପର୍ଯ୍ୟନ୍ତ ପାର୍ଥିବ ପ୍ରକୃତିରେ ବ୍ୟବସ୍ଥିତ ବା ସାକ୍ଷାତରୂପେ କାର୍ଯ୍ୟକାରୀ ହୋଇ ନାହିଁ– ଏପରିକି ଆଧ୍ୟାତ୍ମିକ ଜୀବନରେ ବି ନୁହେଁ– ଏବଂ ଏଠାରେ ବି ତାହାକୁ ବ୍ୟବସ୍ଥିତ ଏବଂ ସକ୍ରିୟ କରିବାକୁ ହେବ ।

୩. କାରଣ, ଆମ୍ଭ ଯୋଗ ପ୍ରଣାଳୀ ନିର୍ଦ୍ଧାରିତ ହୋଇଅଛି ଏହି ସିଦ୍ଧି ନିମିତ୍ତ ଯାହା ଆମ୍ଭମାନଙ୍କ ଲକ୍ଷ୍ୟ ତୁଲ୍ୟ ସଂପୂର୍ଣ୍ଣ, ସାର୍ବଭୌମ, ଅର୍ଥାତ୍ ଚେତନା ଓ ପ୍ରକୃତିର ପୂର୍ଣ୍ଣ ସମଗ୍ର ରୂପାନ୍ତର । ପ୍ରାଚୀନ ପ୍ରଣାଳୀସମୂହର ଉପଯୋଗ ଏହି ଯୋଗର ଏକ ବିଶିଷ୍ଟ ପ୍ରଣାଳୀର ସହାୟରୂପେ ଗ୍ରହଣ କରାଯାଇଥାଏ । ପୂର୍ବବର୍ତ୍ତୀ କୌଣସି ଯୋଗରେ ମୁଁ ଏହି ପଦ୍ଧତିକୁ ପୂର୍ଣ୍ଣତଃ ବା ଅଂଶତଃ ଉପଲବ୍ଧ ବା ସ୍ୱୀକୃତ ହେବାର ଦେଖି ନାହିଁ । ଯଦି ମୁଁ ଏହି ପଥ ଦେଖିଥା'ନ୍ତି, ତେବେ ଏତେ କଷ୍ଟକରି ନୂତନ ପଥ ଆବିଷ୍କାର କରିବାରେ ସମୟ ନଷ୍ଟ କରି ନ ଥା'ନ୍ତି, ତିରିଶବର୍ଷକାଳ ଅନୁସନ୍ଧାନ ଓ ଆନ୍ତର ସୃଷ୍ଟି କାର୍ଯ୍ୟରେ ବ୍ୟାପୃତ ହୋଇ ନ ଥାନ୍ତି, ମୁଁ ପୂର୍ବ-ନିର୍ମିତ ରାସ୍ତା ଉପରେ ନିରାପଦରେ ସହଜରେ ଦୌଡ଼ିଯାଇ ନିଜ ଗମ୍ୟସ୍ଥାନରେ ପହଞ୍ଚି ପାରିଥାନ୍ତି– ଏପରି ରାସ୍ତା ଯାହା ନକ୍‌ସା ଦ୍ୱାରା ଯଥାବିଧି ପକ୍‌କା ପୋଖତ ରୂପେ ବନ୍ଧା ହୋଇଅଛି– ଯାହା ପିଚ୍‌ରେ ଢଳେଇ ହୋଇଛି ଏବଂ ସର୍ବଦା ନିରାପଦ ଓ ସାଧାରଣଙ୍କ ଯାତାୟାତ ନିମିତ୍ତ ଉନ୍ମୁକ୍ତ । ଆମ୍ଭମାନଙ୍କ ଯୋଗ ପୁରୁଣା ବନ୍ଧା ରାସ୍ତା ଉପରେ ଚାଲିବା ନୁହେଁ, ବରଂ ଏହା ଏକ ଅଜଣା ଦିବ୍ୟ-ତତ୍ତ୍ୱର ସାହସିକ ଅନୁସନ୍ଧାନ ।

(ପତ୍ରାବଳୀ, ପ୍ରଥମ ଖଣ୍ଡ) ୫-୧୦-୧୯୩୫

# ପୂର୍ଣ୍ଣଯୋଗର ଉଦ୍ଦେଶ୍ୟ

**ଶ୍ରୀଅରବିନ୍ଦ**

ପୂର୍ଣ୍ଣ ଓ ସର୍ବାଙ୍ଗୀଣ ଯୋଗ ବିଶେଷତଃ ଲିଖିତ ବା ପରମ୍ପରାଗତ କୌଣସି ଶାସ୍ତ୍ରର ସୀମା ମଧ୍ୟରେ ଆବଦ୍ଧ ରହିବା ଉଚିତ ନୁହେଁ । କାରଣ ଏହି ଯୋଗ ଅତୀତର ଜ୍ଞାନକୁ ସାଦରେ ଗ୍ରହଣ କଲେ ସୁଦ୍ଧା ତାହାକୁ ବର୍ତ୍ତମାନ ଓ ଭବିଷ୍ୟତ୍ ନିମିତ୍ତ ନୂତନ ଧାରାରେ ସଂଗଠିତ କରିବାକୁ ଚାହେଁ । ଅନୁଭୂତିର ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ, ପ୍ରାଚୀନ ଜ୍ଞାନର ପୁନଃବର୍ଣ୍ଣନ ନବ ଭାଷାରେ ଓ ନୂତନ ଯୋଜନାରେ, ଏହି ହେଲା ପୂର୍ଣ୍ଣଯୋଗର ଆତ୍ମଗଠନର ବିଧାନ । ଏହି ଯୋଗର ଲକ୍ଷ୍ୟ ସମଗ୍ର ଜୀବନକୁ ଆଲିଙ୍ଗନ କରିବା ଓ ନିଜ ମଧ୍ୟରେ ଗ୍ରହଣ କରିବା, ଏଣୁ ଏହାର ସାଧକ ତୀର୍ଥଯାତ୍ରୀ ତୁଲ୍ୟ ରାଜପଥ ଧରି ଲକ୍ଷ୍ୟ ପଥରେ ଯେ ଅଗ୍ରସର ହୁଏ, ଏପରି ନୁହେଁ ବରଂ କୁହାଯାଇପାରେ ଯେ ଦୁର୍ଭେଦ୍ୟ ଜଙ୍ଗଲ କାଟି ତାହାର ନିଜ ପଥ ନିଜକୁ ପ୍ରସ୍ତୁତ କରିବାକୁ ହୁଏ ।

ଏହି ଯୋଗ (ପୂର୍ଣ୍ଣଯୋଗ) ଦ୍ୱାରା ଆମ୍ଭେମାନେ କେବଳ ଯେ ଶାଶ୍ୱତର ସନ୍ଧାନ କରୁଅଛୁ ତାହା ନୁହେଁ, ଆମ୍ଭେମାନେ ଶାଶ୍ୱତଙ୍କୁ ମାନବଜୀବନରେ ପ୍ରଘଟ ହେବାକୁ ଆହ୍ୱାନ କରୁଅଛୁ । ସେହି କାରଣରୁ ଆମ୍ଭମାନଙ୍କ ଯୋଗର ଶାସ୍ତ୍ର ଏପରି ହେବାକୁହିଁ ହେବ ଯେ ସେଥିରେ ବିକାଶୋନ୍ମୁଖ ମାନବାତ୍ମାକୁ ଅସୀମ ସ୍ୱାଧୀନତା ଦେବାର ବ୍ୟବସ୍ଥା ରହିବ । ବିଶ୍ୱଗତ ଏବଂ ବିଶ୍ୱାତୀତ ସତ୍ତାକୁ ନିଜ ମଧ୍ୟରେ ଗ୍ରହଣ କରିବା କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତିର ଅବାଧ ସ୍ୱାଧୀନତା ରହିବ, ତାହାର ନିଜ ପ୍ରକାରରେ, ତାହାର ନିଜ ପ୍ରଣାଳୀରେ, ଏହି ତ ହେଲା ମାନବର ପରିପୂର୍ଣ୍ଣ ଆଧ୍ୟାତ୍ମିକ ଜୀବନର ଯଥାର୍ଥ ଭିତ୍ତି ।

ଜ୍ଞାନ, ଭକ୍ତି ଓ କର୍ମ– ଏହି ତ୍ରିମାର୍ଗ ମଧ୍ୟରୁ ପ୍ରତ୍ୟେକ ମାର୍ଗରେହିଁ ପୁଣି ବହୁ ଶାଖା-ପ୍ରଶାଖା ଅଛି, ତେବେ ସବୁଯାଇ ମିଶିଅଛି ଏକ ଚରମ ଗମ୍ୟ ସ୍ଥଳରେ । ସାଧାରଣ ଜ୍ଞାନ, ଯାହା ଉପରେ ଯୋଗ ନିର୍ଭର କରେ, ତାହା ନିର୍ଦ୍ଧାରିତ; କିନ୍ତୁ ତାହାର ଅବସ୍ଥା, ଅନୁକ୍ରମ, ପ୍ରଣାଳୀ, ସ୍ୱରୂପ,– ଏହାର କିଛି ଅଦଳ-ବଦଳକରି ଦେଖିବାକୁହିଁ ହୁଏ, କାରଣ ମୂଳ ସତ୍ୟକୁ ଅଚଳ, ଅଟଳ ରଖି ବି ବ୍ୟକ୍ତିଗତ ପ୍ରକୃତିର ଅଭାବ-ଆକାଙ୍କ୍ଷା ପୂରଣ କରିବା ଏକାନ୍ତ ଆବଶ୍ୟକ ।

ଯୋଗର ପ୍ରଣାଳୀସମୂହ ଏକାବେଳେକେ ନିର୍ଦ୍ଦିଷ୍ଟ, ଆଉ ଗୁରୁ ଯେ ଐତିହ୍ୟ ଅନୁସାରେ ଶାସ୍ତ୍ରରେ ଅଧିକାର ଲାଭ କରିଅଛନ୍ତି ଏବଂ ସ୍ୱୀୟ ସାଧନାର ଆଲୋକରେ ତାହାର ଉପଦେଶ ଉପଲବ୍ଧ କରିଅଛନ୍ତି, ସେହି କେବଳ

ଶିଷ୍ୟକୁ ଚିରନ୍ତନ ପଥ ଧରି ଚଳାଇ ନେଇଯାଆନ୍ତି । ସେହି ସକାଶେ ଯୋଗସାଧନାରେ ନୂତନ ପଦ୍ଧତି, ନୂତନ ଉପଦେଶ, ନୂତନମନ୍ତ୍ର ବିରୋଧରେ ଏହି ଆପତ୍ତି ପ୍ରାୟହିଁ ଶୁଣାଯାଏ, ''ଏହିସବୁ ଶାସ୍ତ୍ରାନୁମୋଦିତ ନୁହେଁ'' । କିନ୍ତୁ ବସ୍ତୁତଃ କିଂବା କାର୍ଯ୍ୟତଃ ଯୋଗୀ କୌଣସି ନବୀନ ତତ୍ତ୍ୱ, ସତ୍ୟର କୌଣସି ନବୀନ ପ୍ରକାଶ କିଂବା ବିଶାଳତର ଅନୁଭୂତିକୁ ଭିତରେ ଆସିବାକୁ ଦେବେ ନାହିଁ ବୋଲି ତାଙ୍କର ଲୌହ କବାଟକୁ ବନ୍ଦ କରି ରଖିବେ ନାହିଁ ।

ବହୁତ କାଳ ହେଲା ଯୋଗ ବାସ୍ତବ ଜୀବନରୁ ଭ୍ରଷ୍ଟ ହୋଇ ପଡ଼ିଅଛି ଆଉ ଯେଉଁସବୁ ପ୍ରାଚୀନ ଯୋଗ-ପ୍ରଣାଳୀ ଜୀବନକୁ ଆଲିଙ୍ଗନ କରିବାକୁ ଚାହିଁଥିଲା, ଯେପରି ଆମ୍ଭମାନଙ୍କର ବୈଦିକ ପୂର୍ବଜମାନଙ୍କର ସାଧନା, ସେଥିରୁ ଆମ୍ଭେମାନେ ବହୁ ଦୂରକୁ ଚାଲିଯାଇଛୁ, ତାହାର ଭାଷା ଅବଧି ଆମ୍ଭେମାନେ ଆଉ ବୁଝିପାରୁ ନାହୁଁ, ତାହାର ପଦ୍ଧତିସମୂହ ଆମ୍ଭମାନଙ୍କର ବର୍ତ୍ତମାନ ଜୀବନରେ ଅଚଳ । ଯେବେ ମନୁଷ୍ୟ ଅନନ୍ତ କାଳ-ସ୍ରୋତରେ ଏତେଦୂର ଆଗେଇ ଆସିଛି, ତେବେ ଆଜି ସାଧନାସମସ୍ୟାର ଚେଷ୍ଟା ଆମ୍ଭମାନଙ୍କୁ ନୂତନ ଦିଗରୁ ଆରମ୍ଭ କରିବାକୁ ହେବ ।

ଏହି ଯୋଗ-ସାଧନା କୌଣସି ଧାରାବଦ୍ଧ ମାନସିକ ଶିକ୍ଷା ଅଥବା ନିର୍ଦ୍ଧାରିତ ଧ୍ୟାନ-ଧାରଣା, ମନ୍ତ୍ରର ପ୍ରଣାଳୀ ଦ୍ୱାରା ଅଥବା ଅନ୍ୟ କିଛି ଧରି ଚାଲେ ନାହିଁ; କିନ୍ତୁ ଚାଲେ ଆକାଙ୍‌କ୍ଷା ଦ୍ୱାରା, ଅନ୍ତର୍ମୁଖୀ ବା ଊର୍ଦ୍ଧ୍ୱମୁଖୀ ଅଭିନିବେଶ ଦ୍ୱାରା, ଆମର ଉପରିସ୍ଥ କୌଣସି ଏକ ଦିବ୍ୟ ଶକ୍ତି ଓ ତାହାଙ୍କର କ୍ରିୟାବଳି ପାଖରେ, ହୃଦୟର ଅଧିଷ୍ଠିତ ଭଗବାନଙ୍କ ପାଖରେ ଆତ୍ମୋନ୍ମୀଳନ ଦ୍ୱାରା ଏବଂ ଏହି ସମସ୍ତ ସହିତ ଯେଉଁ ଯେଉଁ ଅସାମଞ୍ଜସ୍ୟ ରହିଅଛି, ତାହାକୁ ବର୍ଜନ କରିବା ଦ୍ୱାରା । କେବଳ ଶ୍ରଦ୍ଧା, ଅଭୀପ୍ସା ଓ ସମର୍ପଣ ଦ୍ୱାରା ଏହି ଆତ୍ମୋନ୍ମୀଳନ ଆସିପାରେ ।